ଆଜି - ମଙ୍ଗଳବାର
ତାରିଖ - ୧୪ ଜୁଲାଇ ୨୦୨୬
ମାସ - ମିଥୁନ୍, ଦିନ - ୩୦
ତିଥି - ଅମାବାସ୍ୟା, ପକ୍ଷ- କୃଷ୍ଣ
ନକ୍ଷତ୍ର - ପୁନର୍ବସୁ, ମିଥୁନ୍ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୯: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


“ଜୀବନ ଅପେକ୍ଷା ସମ୍ପର୍କ ଅଧିକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ସବୁ ସମ୍ପର୍କରେ ଜୀବନ ରହିବା ମଧ୍ୟ ତତୋଧିକ ଗୁରୁତ୍ୱପୂର୍ଣ୍ଣ ।”
- ସ୍ୱାମୀ ବିବେକାନନ୍ଦ


E-News : www.Ajikali epaper.com

Vol.- 41 ISSUE- 91 R.N.I. REGD. No. 44026/86 ବାଲେଶ୍ୱର ୧୪ ଜୁଲାଇ ୨୦୨୬ ମଙ୍ଗଳବାର BALASORE 14 JULY 2026 TUESDAY “REGISTERED” REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


# ରାଷ୍ଟ୍ର ନିର୍ମାଣରେ ଏନସିସିର ଭୂମିକାକୁ ପ୍ରଶଂସା କଲେ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍ ସୋମବାର ଜାତୀୟ କ୍ୟାଡେଟ୍ କୋର୍ପସ ଏବଂ ସୈନିକ ସ୍କୁଲଗୁଡ଼ିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ଅଂଶଗ୍ରହଣ, ଭିତିଭୂମି ବିକାଶ ଏବଂ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ ପରାମର୍ଶ ଦେଇଛନ୍ତି ଯେ ପ୍ରତ୍ୟେକ ରାଜ୍ୟରେ ତିନି ରୁ ପାଂଚଟି ସୈନିକ ସ୍କୁଲ ପ୍ରତିଷ୍ଠା କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯିବା ଉଚିତ । ଉପରାଷ୍ଟ୍ରପତିଙ୍କ ସଚିବାଳୟ ଅନୁଯାୟୀ, ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପରାଷ୍ଟ୍ରପତିଙ୍କ ଗୃହରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କୁ ଏନସିସି ଏବଂ ସୈନିକ ସ୍କୁଲଗୁଡ଼ିକର କାର୍ଯ୍ୟକଳାପ ଏବଂ ସମ୍ପ୍ରସାରଣ ଯୋଜନା ବିଷୟରେ ସୂଚନା ଦେଇଥିଲେ । ବୈଠକରେ, ଅଧିକାରୀମାନେ ଏନସିସିର ସାଂଗଠନିକ ପ୍ରସାରଣ, ଯେଉଁଥିରେ ପ୍ରାୟ ୨ ନିୟୁତ କ୍ୟାଡେଟ୍, ତାଲିମ କାର୍ଯ୍ୟକ୍ରମ, ରାଷ୍ଟ୍ର ନିର୍ମାଣ ପଦକ୍ଷେପ ଏବଂ ଦେଶବ୍ୟାପୀ ସୈନିକ ସ୍କୁଲଗୁଡ଼ିକର ପରିଚାଳନା ଏବଂ ପ୍ରସାରଣ ରହିଛି, ସେ ବିଷୟରେ ବର୍ଣ୍ଣନା କରିଥିଲେ । ଉପରାଷ୍ଟ୍ରପତି ରାଷ୍ଟ୍ର



ନିର୍ମାଣରେ ଏନସିସିର ଭୂମିକାକୁ ପ୍ରଶଂସା କରିଥିଲେ ଏବଂ ‘ଏକ ଭାରତ ଶ୍ରେଷ୍ଠ ଭାରତ’ ଶିବିରଗୁଡ଼ିକୁ ଜାତୀୟ ଏକତାକୁ ସୁଦୃଢ଼ କରିବା ପାଇଁ ଏକ ଉତ୍କୃଷ୍ଟ ପଦକ୍ଷେପ ଭାବରେ ବର୍ଣ୍ଣନା କରିଥିଲେ । ସେ ’ନିଶାମୁକ୍ତ ଭାରତ ଅଭିଯାନ’ ଏବଂ ’ସ୍ୱଚ୍ଛ ଭାରତ ଅଭିଯାନ’ ଭଳି ସାମୁଦାୟିକ ସେବା କାର୍ଯ୍ୟକଳାପକୁ ମଧ୍ୟ ପ୍ରଶଂସା କରିଥିଲେ ଏବଂ ଏନସିସି ଆଲୁମିନି ଆସୋସିଏସନର ପ୍ରତିଷ୍ଠାକୁ ସ୍ୱାଗତ କରିଥିଲେ ।ସେ କହିଥିଲେ ଯେ ଏନସିସିକୁ ସୁଦୃଢ଼ କରିବା ସମଗ୍ର ଦେଶର ଏକ ସହଭାଗୀ ଦାୟିତ୍ୱ । ଏଥିପାଇଁ ଭିତିଭୂମି ପ୍ରସାରଣ, ଜମି ଏବଂ ତାଲିମ ସୁବିଧା ଭଳି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ସହିତ ଉତ୍ତମ ସମନ୍ୱୟ ଆବଶ୍ୟକ । ସେ ରାଜ୍ୟଗୁଡ଼ିକ ସହିତ ସମନ୍ୱୟ ସ୍ଥାପନରେ ସମସ୍ତ ପ୍ରକାରର ସମର୍ଥନର ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ଉପରାଷ୍ଟ୍ରପତିଙ୍କୁ ସୈନିକ ସ୍କୁଲଗୁଡ଼ିକର ପରିଚାଳନା ଏବଂ ସମ୍ପ୍ରସାରଣ ବିଷୟରେ ସୂଚନା ଦିଆଯାଇଥିଲା, ଯେଉଁଥିରେ ପୂର୍ବରୁ ଥିବା ଏବଂ ସରକାରୀ-ବେସରକାରୀ ସହଭାଗୀତା ମଡେଲ ଅଧୀନରେ ଥିବା ସ୍କୁଲଗୁଡ଼ିକ ଅନ୍ତର୍ଭୁକ୍ତ । ଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ବର୍ଦ୍ଧିତ ଚାହିଦାକୁ ଉଲ୍ଲେଖ କରି, ସେ ପ୍ରତ୍ୟେକ ରାଜ୍ୟରେ ତିନିରୁ ପାଂଚଟି ସୈନିକ ସ୍କୁଲ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିବାକୁ ପରାମର୍ଶ ଦେଇଥିଲେ । ସେ ପୂର୍ବରୁ ଥିବା ସୈନିକ ସ୍କୁଲଗୁଡ଼ିକର ଗ୍ରହଣ କ୍ଷମତା ବୃଦ୍ଧି କରିବାର ସମ୍ଭାବନା ଉପରେ ବିଚାର କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ ।

## ଆସନ୍ତା ୨୦ରେ ସଂସଦର ମୌସୁମୀ ଅଧିବେଶନ
# ୧୯ରେ ସର୍ବଦଳୀୟ ବୈଠକ ଡାକିଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ : ସଂସଦର ମୌସୁମୀ ଅଧିବେଶନର ଦିନକ ପୂର୍ବରୁ ଅର୍ଥାତ



ଜୁଲାଇ ୧୯ରେ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକିଛନ୍ତି । ସୂଚନା ଅନୁସାରେ, ଏହି ବୈଠକ ପୂର୍ବାହ୍ନ ୧୧ଟାରେ ବସିବ । ଏଥିରେ ସରକାର ନିଜ ବିଧାୟୀ ଏଜେଣ୍ଡା ବାବଦରେ ସର୍ବଙ୍କୁ ଅବଗତ କରାଇବେ । ବିରୋଧୀ ଦଳ ସଂସଦରେ ଉଠାଇବାକୁ ଚାହୁଁଥିବା ପ୍ରସଙ୍ଗ ସାମ୍ନାରେ ରଖିବେ । ଏହି ଅଧିବେଶନରେ ସରକାରଙ୍କ ଏଜେଣ୍ଡା ବ୍ୟାପକ ରହିପାରେ ଏବଂ ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଚର୍ଚ୍ଚା ହୋଇପାରେ । ସେହିପରି ବିରୋଧୀ ମଧ୍ୟ ସରକାରଙ୍କୁ ଘେରିବା ପାଇଁ ବ୍ୟାପକ ରଣନୀତି ବନାଇଛନ୍ତି । ନିକଟରେ କିଛି ବିରୋଧୀ ଦଳରେ ଥିବା ମତଭେଦ ଏବଂ ବିଭାଜନ କାରଣରୁ ସଂସଦରେ ଜୋରଦାର ହଙ୍ଗାମା ହେବାର ସମ୍ଭାବନା ରହିଛି । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ (ଟିଏମ୍ସି)ର ପରାଜୟ ପରେ ଦଳରେ ବିଦ୍ରୋହ ଦେଖାଦେଇଛି । ଦଳର ୨୦ ସାଂସଦ ନ୍ୟାସନାଲ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆରେ ବିଲୟ କରିଥିବାରୁ ଏହି ସାଂସଦମାନେ ଲୋକସଭାରେ ଅଲଗା ବସିବା ଲାଗି ଦାବି କରିଛନ୍ତି । ଏଥିସହ ଦଳର ୩ ରାଜ୍ୟସଭା ସାଂସଦ ଇସ୍ତଫା ଦେଇ ବିଜେପିରେ ମିଶିଛନ୍ତି । ତେଣୁ ଅଧିବେଶନରେ ଟିଏମ୍ସି ସାଂସଦଙ୍କ ଉପରେ ନଜର ରହିବ । ସେହିପରି ଶିବସେନା (ୟୁବିଟି)ରେ ବିଭାଜନ ହୋଇଛି । ୬ ଲୋକସଭା ସାଂସଦ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ସାମିଲ ହୋଇଛନ୍ତି । ଅନ୍ୟପକ୍ଷରେ ରାଜ୍ୟସଭାରେ ଆମ୍ ଆଦମୀ ପାର୍ଟିର ୭ ସାଂସଦ ପୂର୍ବରୁ ହିଁ ବିଜେପିରେ ସାମିଲ ହୋଇଛନ୍ତି । ମୌସୁମୀ ଅଧିବେଶନରେ ବିରୋଧୀ ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍, ଅପରେସନ ସିନ୍ଦୂରରେ ହୋଇଥିବା ମୃତାହତଙ୍କୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଟିପ୍ପଣୀ ପ୍ରସଙ୍ଗ ଉଠାଇପାରନ୍ତି । କଂଗ୍ରେସ ଏହି ଅଧିବେଶନରେ ରାଜନାଥଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍ ମଧ୍ୟ ଦେଇଛି । ପ୍ରକାଶଥାଉ କି, ଜୁଲାଇ ୨୦ରୁ ଅଗଷ୍ଟ ୧୩ ପର୍ଯ୍ୟନ୍ତ ମୌସୁମୀ ଅଧିବେଶନ ଚାଲିବ ।

# କେନ୍ଦୁପତ୍ର ତୋଳାଳୀଙ୍କ କଲ୍ୟାଣ ପାଇଁ ପ୍ରୋତ୍ସାହନ ରାଶିକୁ ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସୋମବାର ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ ସିଜିନାଲ୍ ଷ୍ଟାଫଙ୍କ କଲ୍ୟାଣ ପାଇଁ ସେମାନଙ୍କ ବୋନସ ଓ ପ୍ରୋତ୍ସାହନ ରାଶି ପ୍ରଦାନକୁ ଅନୁମୋଦନ କରିଛନ୍ତି । ଏହା ସହିତ କେରି ଓ ଫାଳର ମୂଲ୍ୟରେ ମଧ୍ୟ ବୃଦ୍ଧି କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରୋସେସ ଏରିଆରେ କେନ୍ଦୁପତ୍ର କେରି (୨୦ଟି) ପିଛା ମୂଲ୍ୟ ୧୦ ପଇସା ବୃଦ୍ଧି କରାଯାଇଥିବା ବେଳେ ଫାଳ (୪୦ଟି) ପିଛା ମୂଲ୍ୟ ୨୦ ପଇସା ବୃଦ୍ଧି କରାଯାଇଛି । ଏଥିପାଇଁ ରାଜ୍ୟ ସରକାର ୧୦.୭୮ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ । ସେହିପରି କେନ୍ଦୁପତ୍ର ତୋଳାଳୀମାନଙ୍କ ପାଇଁ ୨୫ ପ୍ରତିଶତ ବୋନସ ପ୍ରଦାନ କରିବା ପାଇଁ ନିଷ୍ପତି ନିଆଯାଇଛି । ଏହା ସହିତ ବନ୍ଧାଳୀ ଓ ସିଜିନାଲ୍ ଷ୍ଟାଫଙ୍କ ପାଇଁ ୫ ପ୍ରତିଶତ ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତି ନେଇଛନ୍ତି । ଏଥିପାଇଁ ରାଜ୍ୟ ସରକାର ୬୪ କୋଟି ଟଙ୍କା ବହନ କରିବେ । ରାଜ୍ୟ ସରକାର ସମୁଦାୟ ୭୪.୭୮ କୋଟି ଟଙ୍କା ଖର୍ଚ୍ଚ କରିବେ ।

## ଅଳ୍ପରେ ଖବର

- ଆଜି ବସିବ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅପରାହ୍ନରେ ୪ଟାରେ ବସିବ ବୈଠକ । ଏକାଧିକ ପ୍ରସ୍ତାବ ଉପରେ ଲାଗିପରେ ମୋହର ।
- ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇର ପ୍ରତିଷ୍ଠିତ ତାଜମହଲ ପ୍ୟାଲେସ ହୋଟେଲକୁ ବୋମା ଧମକ ମିଳିଛି । ଏହା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଆହୁରି ସତର୍କ ହୋଇଯାଇଛନ୍ତି । ବିଳମ୍ବିତ ରାତିରେ ନଭି ମୁମ୍ବାଇ ପୋଲିସକୁ ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ଆସିଥିଲା ।
- ପୁଣି ଥରେ ମୁଣ୍ଡ ଟେକିଲାଣି କରୋନା ଆତଙ୍କ । ଲୋକେ ଭାବି ନେଇଥିଲେ ଯେ ମହାମାରୀ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଯାଇଛି, କିନ୍ତୁ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରୁ ଆସିଥିବା ଏକ ଖବର ଏବେ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି ।
- ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୀରେ ଜୋରଦାର ପ୍ରସ୍ତୁତି । ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ରଥଟଣା ପାଇଁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ସୁରକ୍ଷା ଅଭ୍ୟାସ ବା ମକ୍ଡ୍ରିଲ୍ । ପୁରୀ ସମୁଦ୍ର କୂଳ ଓ ରିଜର୍ଭ ପୁଲିସ ଲାଇନ୍ ପଡ଼ିଆରେ ଏହି ମକ୍ଡ୍ରିଲ୍ କରାଯାଇଛି ।

# ପୁରୀ ରଥଯାତ୍ରା ପାଇଁ ବଡ଼ ଦାଣ୍ଡର ଉଭୟ ପାର୍ଶ୍ୱରେ ହେବ ୮ଟି ୧୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଡାକ୍ତରଖାନା

ଭୁବନେଶ୍ୱର : ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଜନସାଧାରଣଙ୍କ



ସମାବେଶକୁ ନଜରରେ ରଖି ଆବଶ୍ୟକୀୟ ଜରୁରୀକାଳୀନ ପରିସ୍ଥିତି ପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ, ୧୦ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର କେନ୍ଦ୍ର, ୧୦ ଶଯ୍ୟା ବିଶିଷ୍ଟ ବର୍ଣ୍ଣ ୱାର୍ଡ ଏବଂ ଗୋଟିଏ ଅସ୍ତ୍ରୋପଚାର କକ୍ଷର ବ୍ୟବସ୍ଥା କରାଯାଇଛି । ସେହିପରି ଜିଲ୍ଲା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନବନିର୍ମିତ କୋଠାରେ ୧୫୦ ଅତିରିକ୍ତ ଶଯ୍ୟା ବ୍ୟବସ୍ଥା କରାଯିବ । ରଥଯାତ୍ରାରେ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ୨୩୦ ଜଣ ଡାକ୍ତର , ୬୬ ଜଣ ବିଶେଷଜ୍ଞ, ୨ ଜଣ ହୃଦରୋଗ ବିଶେଷଜ୍ଞ, ୨ଜଣ ସ୍ନାୟୁ ବିଭାଗ ବିଶେଷଜ୍ଞ, ୨ ଜଣ ପ୍ଲାଷ୍ଟିକ ସର୍ଜନ ସମେତ ୨୦୦ ନର୍ସିଂ ଅଫିସର ଏବଂ ୨୨୯ ପାରାମେଡିକ୍ସ ଷ୍ଟାଫ ରହିବେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଗୋଟି ଶୀତ ତାପ ଶଯ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ଟି ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଗୋଟିଏ ଶଯ୍ୟା ଅଂଶୁଘାତ ମୁକାବିଲା ନିମନ୍ତେ ଉପଲବ୍ଧ କରାଯିବ । ବଡଦାଣ୍ଡରେ ଏବଂ ପୁରୀ ସହର ପାର୍ଶ୍ୱବର୍ତୀ ଅଂଚଳରେ ୩୦ଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା କରାଯାଇଛି । ବଡଦାଣ୍ଡରେ ଥିବା ୧୧ଟି ଆଶୁ ଚିକିତ୍ସା କେନ୍ଦ୍ର ଦିବାରାତ୍ର ଖୋଲା ରହିବ । ସେହିପରି ୮ଟି ୧୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଡାକ୍ତରଖାନା ବଡ ଦାଣ୍ଡ ଉଭୟ ପାର୍ଶ୍ୱରେ କାର୍ଯ୍ୟକ୍ଷମ ହେବ ଯାହା ଦ୍ୱାରା ଭିଡ ମଧ୍ୟରେ ରୋଗୀ ଜରୁରୀ ଚିକିତ୍ସା ପାଇପାରିବେ । ଚଳିତ ବର୍ଷ ୪୬ ଟି ଆମ୍ବୁଲାନ୍ସ ପୁରୀର ବିଭିନ୍ନ ସ୍ଥାନରେ ଏବଂ ୨ ଟି ଏଏଲଏସ ଆମ୍ବୁଲାନ୍ସ (Advanced Life Support) ପୁରୀ ବଡ ଡାକ୍ତରଖାନାରେ ମୁତୟନ କରାଯିବ । ଖାଦ୍ୟର ମାନ ଯାଂଚ ନିମନ୍ତେ ଅଧିକ ସଂଖ୍ୟକ ଖାଦ୍ୟ ନିରାପତା ଅଧିକାରୀ ମୁତୟନ ହୋଇଛନ୍ତି । ୩୦ ଜଣ ପ୍ରଶିକ୍ଷିତ କର୍ମଚାରୀଙ୍କୁ ଅମ୍ଳଜାନ କ୍ୟାନିଷ୍ଟର ସହ ମୁତୟନ ରଖାଯିବ ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୯ତମ ପ୍ରତିଷ୍ଠା ଦିବସ ପାଳିତ
# ମୟୂରଭଞ୍ଜର ବିକାଶ ଏବଂ ଉଚ୍ଚଶିକ୍ଷାର ଉତ୍କର୍ଷ ପାଇଁ ରାଜ୍ୟ ସରକାର ସଦା ସର୍ବଦା ପ୍ରତିବଦ୍ଧ : ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର

ବାରିପଦା / ଭୁବନେଶ୍ୱର : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର (ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ) ୨୯ତମ ପ୍ରତିଷ୍ଠା ଦିବସ ଆଜି ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଗରିମାମୟ ପରିବେଶରେ




ବହୁ ଆଡମ୍ବରରେ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମାରୋହରେ ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅତିଥିମାନଙ୍କୁ ସମ୍ବୋଧିତ କରିଥିଲେ । ନିଜ ଅଭିଭାଷଣରେ ଡାକ୍ତର ମହାପାତ୍ର କହିଥିଲେ ଯେ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କେବଳ ଉଚ୍ଚଶିକ୍ଷା ପ୍ରଦାନରେ ସୀମିତ ନ ରହି ମୟୂରଭଞ୍ଜ ଜିଲ୍ଲାର ସର୍ବାଙ୍ଗୀନ ବିକାଶରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ଭୂମିକା ଗ୍ରହଣ କରିବ । ଶିକ୍ଷା, ଗବେଷଣା, ନବସୃଜନ, ଦକ୍ଷତା ବିକାଶ ଏବଂ ସମାଜସେବା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ସକ୍ରିୟ ଅବଦାନ ଜିଲ୍ଲାର ସାମଗ୍ରିକ ପ୍ରଗତିକୁ ନୂତନ ଦିଗ ପ୍ରଦାନ କରିବ ବୋଲି ସେ ମତ ପ୍ରକାଶ କରିଥିଲେ । ଏହି ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ମିଳିବ ବୋଲି ସେ ଆଶ୍ୱାସନ ଦେଇଥିଲେ । ସେ ଆହୁରି କହିଥିଲେ ଯେ, ନୂତନ ଜାତୀୟ ଶିକ୍ଷା ନୀତିର ଲକ୍ଷ୍ୟ ଅନୁଯାୟୀ ଜ୍ଞାନ, ଗବେଷଣା, ନବସୃଜନ ଓ ମାନବ ସମ୍ବଳ ବିକାଶକୁ ପ୍ରାଧାନ୍ୟ ଦେଇ ବିଶ୍ୱବିଦ୍ୟାଳୟ ଆଗକୁ ବଢ଼ିବା ଆବଶ୍ୟକ । ଏହାଦ୍ୱାରା ମୟୂରଭଞ୍ଜ ସମେତ ଉତର ଓଡ଼ିଶାର ବିକାଶରେ ନୂତନ ଅଧ୍ୟାୟ ସୃଷ୍ଟି ହେବ । ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ତଥା ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ରଘୁନାଥ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ, ମୂଲ୍ୟବୋଧଭିତିକ ଶିକ୍ଷା ଏବଂ ଜ୍ଞାନଭିତିକ ସମାଜ ଗଠନ ଉପରେ ଆଲୋକପାତ କରିଥିଲେ ।

# ଯୁବ ରେଡ଼କ୍ରସ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଅଧକ୍ଷତା କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର : ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଆଜି ଭୁବନେଶ୍ୱର




ସ୍ଥିତ ରେଡ଼କ୍ରସ ଭବନ ଠାରେ ଯୁବ ରେଡ଼କ୍ରସ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜିର ଏହି ବୈଠକରେ ଅଧକ୍ଷତା କରିଥିଲେ । ଆଜିର ବୈଠକରେ ରାଜ୍ୟର ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ରହିଥିବା ଯୁବ ରେଡ଼କ୍ରସ ୟୁନିଟ୍‌ର ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଏଥିସହ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ରେଡ଼କ୍ରସ ୟୁନିଟ୍ ଗୁଡ଼ିକର କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହେବା ସହ ସ୍ୱେଚ୍ଛାସେବୀମାନଙ୍କର ଦକ୍ଷତା ବିକାଶ ଯେପରି କରାଯାଇପାରିବ, ସେହି ସମ୍ବନ୍ଧରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ରେଡ଼କ୍ରସ ୟୁନିଟ୍ ଗଠନ ଏବଂ ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣ, ରକ୍ତଦାନ ଶିବିରର ବ୍ୟାପକ ଆୟୋଜନ, ରେଡ଼କ୍ରସ ୟୁନିଟ୍ ମାଧ୍ୟମରେ କ୍ୟାମ୍ପସରେ ନିଶାମୁକ୍ତି ଅଭିଯାନର ଆୟୋଜନ, କ୍ୟାମ୍ପସ ସ୍ୱଚ୍ଛତା, ସଡ଼କ ସୁରକ୍ଷା, ଅଗ୍ନି ନିରାପତା, ପରିବେଶ ସୁରକ୍ଷା ଆଦି ଉପରେ ଯେପରି ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇପାରିବ ସେ ଦିଗରେ କାର୍ଯ୍ୟ କରିବାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ପରାମର୍ଶ ଦେଇଥିଲେ । ଏଥିସହ ରାଜ୍ୟ ରେଡ଼କ୍ରସ ପୁରସ୍କାର ସମେତ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ରେଡ଼କ୍ରସ ସ୍ୱେଚ୍ଛାସେବୀଙ୍କୁ ଚୟନ କରାଯାଇ, ସେମାନଙ୍କୁ ଜିଲ୍ଲା ସ୍ତରରେ ପୁରସ୍କୃତ କରିବା ପାଇଁ ଆଜିର ବୈଠକରେ ପ୍ରସ୍ତାବ ରଖାଯାଇଥିଲା । ଆଜିର ବୈଠକରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ, ନିର୍ଦ୍ଦେଶକ ଶ୍ରୀ କାଳୀ ପ୍ରସନ୍ନ ମହାପାତ୍ର, ଉପ ଶାସନ ସଚିବ ଶ୍ରୀ ରମେଶ ଚନ୍ଦ୍ର ବେହେରା ଏବଂ ଯୁବ ରେଡ଼କ୍ରସ ରାଜ୍ୟ କାର୍ଯ୍ୟକାରିଣୀ କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ ।

# ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ କ୍ରାଇମବ୍ରାଂଚର ଖୋଳତାଡ଼

ଭୁବନେଶ୍ୱର : ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ କ୍ରାଇମବ୍ରାଂଚ ଖୋଳତାଡ଼ । ତଦନ୍ତ କରୁଛି ୫ଜଣିଆ ଟିମ୍ । ସମଗ୍ର ଘଟଣାର ପର୍ଦ୍ଦାଫାଶ ପାଇଁ ଜଣେ ଏସପିଙ୍କ ନେତୃତ୍ୱରେ ଜଣେ ଡିଏସପି ଓ ୩ ଜଣ ଅଫିସରଙ୍କୁ ନେଇ ଏକ ୫ ଜଣିଆ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ଗଠିତ କମିଟିର ରିପୋର୍ଟ ହସ୍ତାନ୍ତର ହେବା ପରେ କ୍ରାଇମବ୍ରାଂଚ ଏହି ଷଡ଼ଯନ୍ତ୍ର ପଛରେ ଥିବା ବ୍ୟକ୍ତିମାନଙ୍କର ତାଲିକା



ପ୍ରସ୍ତୁତ କରୁଛି । ସେପଟେ ଏନେଇ ଗଣଶିକ୍ଷା ବିଭାଗର ରୁଦ୍ଧଦ୍ୱାର ବୈଠକ ହୋଇଛି । ଲୋକସେବା ଭବନରେ ଗଣଶିକ୍ଷା ମନ୍ତ୍ରୀ ଓ ସଚିବ ବୈଠକ କରିଛନ୍ତି । ୨୦୨୬-୨୭ ଶିକ୍ଷାବର୍ଷରେ ମାଗଣା ପାଠ୍ୟପୁସ୍ତକ ପ୍ରସ୍ତୁତିରେ ହୋଇଥିବା ୩୦୦ କୋଟିରୁ ଅଧିକ ଟଙ୍କାର ବ୍ୟୟ ଏବଂ ଆଉଟ୍ ସୋର୍ସି ସଂସ୍ଥାଗୁଡ଼ିକୁ ଦିଆଯାଇଥିବା ଅର୍ଥର ଟିକିନିଖି ଯାଂଚ ହେବ । ଡିଟିପି ଓ ଡିଜାଇନିଂ ଟେଣ୍ଡର ପ୍ରକ୍ରିୟାର ଡକୁମେଂଟସ୍ ଯାଂଚ କରାଯିବ । ଗଣଶିକ୍ଷା ବଦଳରେ ଉଚ୍ଚଶିକ୍ଷା ବିଭାଗ ଅଧୀନ ସଂସ୍ଥାକୁ କାହିଁକି ଦାୟିତ୍ୱ ଦିଆଗଲା, ତାହା ତଦନ୍ତ ପରିସରକୁ ଆସିବ । ସମସ୍ତ ଆର୍ଥିକ କାରବାର କରିଥିବା ଓସେପା ମଧ୍ୟ ତଦନ୍ତ ପରିସରଭୁକ୍ତ ହେବ । ପାଠ୍ୟପୁସ୍ତକ ପ୍ରସ୍ତୁତ କରିଥିବା ଝଉରଜଞ୍ଜ ଉପରେ ଫୋକସ୍ ରହିବ । ରାଜ୍ୟ ଷ୍ଟିୟରିଂ କମିଟି, କୋର କମିଟି, ସମ୍ପାଦନା ଓ ସମୀକ୍ଷକ ମଣ୍ଡଳୀ ଜେରାର ସମ୍ମୁଖୀନ ହେବେ । ଏନସିଇଆରଟି ବହିର ଛବି କିଭଳି ଓଡ଼ିଆ ପୁସ୍ତକରେ ରହିଗଲା, ତାହାର ବିଶେଷ ଅନୁଧ୍ୟାନ କରାଯିବ । ସୂଚନା ଥାଉକି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୧୧ ତାରିଖରେ କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । କ୍ରାଇମବ୍ରାଂଚ ଏସ୍.ପି.ଙ୍କ ନିକଟରେ ଋଜ ଦାୟର କରିବାକୁ ଝଉରଜଞ୍ଜ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୂର୍ବରୁ ପାଠ୍ୟ ପୁସ୍ତକ ତ୍ରୁଟିଜନିତ ବିଷୟର କାରଣ ଅନୁସନ୍ଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରିଥିଲେ ।





# ବାଲେଶ୍ୱର ସହର ଉପକଣ୍ଠ ପାତ୍ରପଡ଼ା ଅଂଚଳରେ ଜନସାଧାରଣଙ୍କୁ ସାକ୍ଷାତ ସହ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କଲେ ସଦର ବିଧାୟକ

ବାଲେଶ୍ୱର(ନି.ପ୍ର.)ବିଶ୍ୱପ୍ରସିଦ୍ଧ ଚାନ୍ଦିପୁର ବେଳାଭୂମୀର ପୁନରୁଦ୍ଧାର ସହ ବିକାଶ ପାଇଁ ରାଜ୍ୟ ସରକାରଙ୍କ ୧୧କୋଟି ଟଙ୍କାର ଅନୁଦାନରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଏହା ସହିତ ବୁଢ଼ାବଳଙ୍ଗ ନଦୀ ମୁହାଣ ବଳରାମଗଡି ଠାରେ ୭୫କୋଟି ଟଙ୍କା ଖର୍ଚ୍ଚରେ ନବ ନିର୍ମିତ ବୃହତ ିସିଂ ହାର୍ବର ମ୍ନ କାର୍ଯ୍ୟକାରୀ ଅପେକ୍ଷାରେ ରହିଛି । ବାଲେଶ୍ୱର ସହରରୁ ମାତ୍ର ୧୪କିଲୋମିଟର ଦୂରରେ ଥିବା ଏହି ବେଳାଭୂମି ଓ ମୁହାଣ ପର୍ଯ୍ୟନ୍ତ ଗମନାଗମନର ବ୍ୟବସ୍ଥାକୁ ନେଇ ସବୁବେଳେ ଅଭିଯୋଗ ଉଠୁଥିବା ବେଳେ ଏହାର ପୂର୍ଣ୍ଣ କାଳୀନ ସମାଧାନ ପାଇଁ ସମ୍ପ୍ରତି ନିର୍ମାଣ ହେଉଛି ୪ଥାକିଆ ରାସ୍ତା । ବାଲେଶ୍ୱର ସହର ଉପକଣ୍ଠ ପାତ୍ରପଡ଼ା ଠାରୁ ଚାନ୍ଦିପୁର ପର୍ଯ୍ୟନ୍ତ ଏହି ରାସ୍ତାର





ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନସ୍ତରରେ ଚାଲିଛି । ଏହି ଅବସରରେ ରବିବାର ସକାଳେ ବିଧାୟକ ମାନସ କୁମାର ଦତ ପାତ୍ରପଡ଼ା ଅଂଚଳରେ ଜନସାଧାରଣଙ୍କ ସହ ସାକ୍ଷାତ କରି ସେମାନଙ୍କ ସମସ୍ୟା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ପାତ୍ରପଡ଼ାର ମୁଖ୍ୟ ରାସ୍ତା ଓ ଡ୍ରେନେଜ୍ ବ୍ୟବସ୍ଥାର ସମସ୍ୟା ଉପରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା ପୂର୍ବକ ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ସ୍ଥାନୀୟ ଅଂଚଳରେ ବର୍ଷା ଜଳ ନିଷ୍କାସନ ଜନସାଧାରଣଙ୍କ ଏକ ପ୍ରମୁଖ ସମସ୍ୟା ଭାବେ ଦେଖାଦେଇଥିବାରୁ ଏହାର ନିବାରଣ ପାଇଁ ଆବଶ୍ୟକତା ଅନୁଯାୟୀ ସୁବ୍ୟବସ୍ଥିତ ଡ୍ରେନେଜ ନିର୍ମାଣ ଉପରେ ବିଧାୟକ ଶ୍ରୀ ଦତ ଗୁରୁତ୍ୱାରୋପ କରିଥିଲେ । ସହରର ଏକ ପ୍ରମୁଖ ରାସ୍ତା ଭାବେ ଚାନ୍ଦିପୁର ବେଳାଭୂମି ଏବଂ ବଳରାମଗଡ଼ି ଜେଟିକୁ ସଂଯୋଗ କରୁଥିବାରୁ, ଦୈନିକ ହଜାର ହଜାର ଲୋକ ଏହା ଉପରେ ନିର୍ଭରଶୀଳ ରହିଥାନ୍ତି । ଏହାର ଉନ୍ନତି ଦ୍ୱାରା ଯାତାୟାତ ବ୍ୟବସ୍ଥା ସୁଗମ ହେବା ସହିତ ପର୍ଯ୍ୟଟନର ବିକାଶ ଓ ମତ୍ସ୍ୟ ଉତ୍ପାଦନକୁ ନେଇ ସ୍ଥାନୀୟ ଅର୍ଥନୀତି ମ୍ନ ଅଧିକ ସୁଦୃଢ଼ ହେବ ବୋଲି ବିଧାୟକ ଶ୍ରୀ ଦତ ଆଶା ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମ୍ନରେ ଗୌରାଙ୍ଗ ଦାସ, ବେଣୁଧର ଦାସ, ଅମିତ ନାୟକ, ରୋଜାଲିନ ପାଣି, ରାଜକିଶୋର ବାରିକ, ଉମାକାନ୍ତ ମହାପାତ୍ର, ମନ୍ମୟ ଦାସ, ଦିବ୍ୟ ଗିରି, ତନ୍ମୟ ଜେନା, ରଂଜିତ ପୃଷ୍ଟି, ସନାତନ ବାରିକ, ବୁଦ୍ଧ ମହାପାତ୍ର ଓ ବଜାର କମିଟିର ସଦସ୍ୟ ମାନେ ବିଧାୟକଙ୍କ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ ।

# ହାମିଦ୍ ହତ୍ୟାକାଣ୍ଡର ପର୍ଦ୍ଦାଫାଶ: ସାର୍ପ ସୁଟର ସମେତ ୬ ଗିରଫ, ବିପୁଳ ମାରଣାସ୍ତ୍ର ଓ ବୋମା ଜବତ

## ଇନଷ୍ଟାଗ୍ରାମରେ ହୋଇଥିଲା ହତ୍ୟା କାଣ୍ଡର ଷଡ଼ଯନ୍ତ୍ର

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସହଦେବଖୁଂଟା ଥାନା ଅନ୍ତର୍ଗତ 'ଫ୍ରିଡମ୍ କାର୍ ଫ୍ୟାଶନ'ର ମାଲିକ ମହମ୍ମଦ ହାମିଦ୍ ?ଙ୍କ ବହୁଚର୍ଚ୍ଚିତ ଦିନଦ୍ୱିପ୍ରହର ଗୁଳିମାଡ଼ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ପୋଲିସ । ଏହି ସେନସେସନାଲ ମାମଲାରେ ମୁଖ୍ୟ ଶୁଟର ସମେତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ବିପୁଳ ମାରଣାସ୍ତ୍ର ଜବତ ହୋଇଛି । ଗତ ଜୁନ୍ ୨୫ ତାରିଖରେ ଦୁଇ ଜଣ ସଶସ୍ତ୍ର ଦୁର୍ବୃତ୍ତ ବାଇକ୍ ?ରେ ଆସି ହାମିଦ୍ ?ଙ୍କୁ ଗୁଳି କରି ହତ୍ୟା କରିଥିଲେ ।ପୋଲିସର ୪ଟି ସ୍ୱତନ୍ତ୍ର ଟିମ୍ ୩୦ରୁ ଅଧିକ ସ୍ଥାନର ସିସିଟିଭି ଯାଂଚ କରି ପ୍ରଥମେ ମୁଖ୍ୟ ଶୁଟର ପପୁନ ସିଂ ଓରଫ ପାକାନାକୁ ଗିରଫ କରିଥିଲା । ଜେରା ବେଳେ ଜଣାପଡ଼ିଛି ଯେ, ପୋଲିସ ନଜରରୁ ବଂଚିବା ପାଇଁ ଅଭିଯୁକ୍ତମାନେ ନିଜ ମୋବାଇଲ୍ ବ୍ୟବହାର ନକରି ପ୍ରାୟ ଏକ ମାସ ପୂର୍ବରୁ ଇନଷ୍ଟାଗ୍ରାମ ମାଧ୍ୟମରେ ଏହି ହତ୍ୟା ଷଡ଼ଯନ୍ତ୍ର ରଚିଥିଲେ । ଏଥିପାଇଁ ଏକ ସିକ୍ରେଟ୍ ଫୋନ୍ ମଧ୍ୟ ବ୍ୟବହାର କରାଯାଇଥିଲା ।



ପରେ ଏହି ମାମଲାରେ ସଂପୃକ୍ତ ଅନ୍ୟ ୫ ଜଣଙ୍କୁ ମଧ୍ୟ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ମୁଖ୍ୟ ଶୁଟର ପପୁନ ସିଂ , ଲିପୁ ଓରଫ ମହେଶ୍ୱର ବେହେରା , ଦୀପୁ ଓରଫ ଦୀପକ ବେହେରା, ଦୀପକ ପାତ୍ର , ରାଜେଶ ପାତ୍ର ଏବଂ ବିଜୟ ମହାଲିକ ।ଜବତ ସାମଗ୍ରୀ ଗୁଡିକ ୨ଟି ପିସ୍ତଲ, ୨ଟି ଜୀବନ୍ତ ଗୁଳି, ୨ଟି ବୋମା, ଭୁଜାଲି, ଫାର୍ସା, ୪ଟି ମୋବାଇଲ୍ ଏବଂ ୧ଟି ପଲସର୍ ବାଇକ୍ । ଗିରଫ ଅଭିଯୁକ୍ତମାନେ ପେସାଦାର ଅପରାଧୀ ଏବଂ ସେମାନଙ୍କ ନାମରେ ପୂର୍ବରୁ ଅନେକ ସଙ୍ଗୀନ ମାମଲା ରହିଛି । ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ବାକି ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଛି ।

# ପେଟ୍ରୋଲ୍ ଓ ଡିଜେଲ୍‌ରେ ଇଥାନଲ୍ ମିଶ୍ରଣକୁ ବିରୋଧ କରି ବାଲେଶ୍ୱର ଜିଲ୍ଲା ପ୍ରଶାସନ ଜରିଆରେ କେନ୍ଦ୍ର ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର(ନି.ପ୍ର.): ପେଟ୍ରୋଲ୍ ଓ ଡିଜେଲ୍ ସହ ଇଥାନଲ୍ ମିଶାଇ ପେଟ୍ରୋଲ୍ ପମ୍ପମାନେ ବିକ୍ରି କରୁଥିବାରୁ ସମସ୍ତ ଇଞ୍ଜିନ୍‌ଚାଳିତ ଯାନବାହନ ଖରାପ ହେଉଥିବା ଓ ମାଇଲେଜ୍ କମ୍ ଦେଖାଉଥିବାର ଅଭିଯୋଗକୁ ଭି□କରି ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ବିଭାଗର କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଜିଲ୍ଲା ପ୍ରଶାସନ ଜରିଆରେ ସୋମବାରଦିନ ଏକ ଦାବିପତ୍ର ଦିଆଯାଇଛି । ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁ□ଆ ଏହି ଦାବିପତ୍ର ଗ୍ରହଣ କରିଥିଲେ । ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ଇଜିଲାସ୍‌ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଟର୍ଣ୍ଣି ଜେନେରାଲ୍ ପେଟ୍ରୋଲ୍ ଓ ଡିଜେଲ୍ ସହ ଇଥାନଲ୍ ମିଶ୍ରଣକୁ ପରୀକ୍ଷାମୂଳକ ସ୍ଥିତିରେ ଥିବାର ଜଣାଇଛନ୍ତି ।



ତେବେ ଏହି ଅପମିଶ୍ରଣ ପେଟ୍ରୋଲ୍ ଓ ଡିଜେଲ୍‌କୁ କିପରି ଦେଶର ସମସ୍ତ ପେଟ୍ରୋଲ୍ ପମ୍ପରେ ବିକ୍ରି କରାଯାଉଛି ବୋଲି ସିଭିଲ୍ ସୋସାଇଟି ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ପ୍ରଶ୍ନ କରାଯାଇଛି । ଏହି ପରୀକ୍ଷାମୂଳକ ପ୍ରକ୍ରିୟାରେ ଯାନବାହନ ଚଳାଉଥିବା ନାଗରିକମାନେ ବ୍ୟାପକଭାବେ କ୍ଷତିଗ୍ରସ୍ତ ହେଉଛନ୍ତି । ତେଣୁ ତୁରନ୍ତ ପେଟ୍ରୋଲ୍ ଓ ଡିଜେଲ୍ ସହ ଇଥାନଲ୍ ମିଶ୍ରଣ ବନ୍ଦ କରିବାକୁ ସିଭିଲ୍ ସୋସାଇଟି ପକ୍ଷରୁ ଦାବି କରାଯାଇଛି । ସିଭିଲ୍ ସୋସାଇଟି ପକ୍ଷରୁ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂପାଦକ ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଅରୁଣ ଜେନା, ଶ୍ୟାମସୁନ୍ଦର ଜେନା, ଚି□ରଂଜନ ଷଡ଼ଙ୍ଗୀ ଓ ମଳୟ ରାୟ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଖୁ□ଆଙ୍କୁ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ । ଲଗାଣବର୍ଷା କାରଣରୁ ସୋମବାର ଅପରାହ୍ନ ୫ଟାରେ ପ୍ରସ୍ତାବିତ ପ୍ରତିବାଦ ସଭାକୁ ସ୍ଥଗିତ ରଖାଗଲା ବୋଲି ସୋସାଇଟି ପକ୍ଷରୁ ସୂଚନା ଦିଆଯାଇଛି ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର/ଲଙ୍ଗଳେଶ୍ୱର(ନି.ପ୍ର.) ଆଜି ପୂର୍ବାହ୍ନ ଘ: ୧୦.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଲିଆପାଳ ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ୧୩୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୨୯ ଗୋଟି ବ୍ୟକ୍ତିଗତ ଓ ୪ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୨ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି



ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଦିଲ୍ଲୀପ କୁମାର ଜେନା, ବିଡିଓ, ବାଲିଆପାଳ ଶ୍ରୀଯୁକ୍ତ ରାଧା ରଞ୍ଜନ ଦାସ, ତହସିଲଦାର, ବାଲିଆପାଳ ଶ୍ରୀମତୀ ସସ୍ମିତା ମୁର୍ମୁଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# 'ସହାୟକ' ବାଲେଶ୍ୱର ତରଫରୁ ସନ୍ଥତୀର୍ଥ ସେବାଶ୍ରମ, ହଳଦୀପଦା ପରିସରରେ ବୃକ୍ଷରୋପଣ

ବାଲେଶ୍ୱର,(ନି.ପ୍ର.): 'ସହାୟକ' ବାଲେଶ୍ୱର ତରଫରୁ ହଳଦୀପଦାସ୍ଥିତ ସନ୍ଥତୀର୍ଥ ସେବାଶ୍ରମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ 'ସହାୟକ'ର ପୂର୍ବତନ ସଭାପତି ଓ ବ□ମାନର ଉପଦେଷ୍ଟା ଦିବାକର ମହାପାତ୍ର ଓ ବ□ମାନର ସଭାପତି ଡ. କ୍ଷିତୀଶ୍ୱର ଦାଶଙ୍କ ନେତୃତ୍ୱରେ ୧୫ ଜଣ ସଦସ୍ୟ ସଦସ୍ୟା ହଳଦୀପଦା ଅଭିମୁଖେ ଚାରାଗଛ ସହ ଯାତ୍ରା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଶ୍ରମର ସନ୍ଥ ଚି□ ବାବା ଓ ତ□ାବଧାରକ ଗୋବିନ୍ଦ ବଲ୍ଲଭ ଦଳାଇଙ୍କ ପ୍ରତ୍ୟେକ୍ଷ ତ□ାବଧାନରେ 'ସହାୟକ'ର ସଦସ୍ୟ ସଦସ୍ୟାମାନେ ବିଭିନ୍ନ ପ୍ରକାର ଫଳଚାରା ଓ ଔଷଧୀୟ ବୃକ୍ଷମାନ ସେବାଶ୍ରମରେ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଇଂ. ସୁରେନ୍ଦ୍ରପ୍ରସାଦ ନାୟକ, ଶରତ ଚନ୍ଦ୍ର ବିଶ୍ୱାଳ, ଡ. ତାରାକାନ୍ତ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ଅକ୍ଷୟ କୁମାର ତ୍ରିପାଠୀ, ଇଂ. କେଶବ ଚରଣ ମହାନ୍ତି, ରବି ନାରାୟଣ ଭୋଳ, ଅକ୍ଷୟ କୁମାର କର, ଗଙ୍ଗାଧର ପୃଷ୍ଟି, କାମିନୀକାନ୍ତ ପାଢ଼ୀ, ଅମିତା ଦାଶ, ରବୀନ୍ଦ୍ରନାଥ ଗିରି, ସାବିତ୍ରୀ ଦାସ, ଦିଲ୍ଲୀପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ । ଶେଷରେ ସନ୍ଥ ଚି□ ବାବା ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ଭୂୟସୀ ପ୍ରଶଂସା ସହ କୃତଜ୍ଞତା ଜ୍ଞାପନ କରିଥିଲେ ।





# ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ

ବାଲେଶ୍ୱର(ନି.ପ୍ର.)ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ରେମୁଣା ଶାଖା ପକ୍ଷରୁ ଆସନ୍ତା ପ୍ରତିବାଦ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ. ରେମୁଣା ବ୍ଲକ ଓ ନୀଳଗିରି ରେ ଆବଶ୍ୟକ ଡାକ୍ତର, ନର୍ସ ଓ ପାରାମେଡିକାଲ କର୍ମଚାରୀ ଙ୍କ ଅଭାବ ପୂରଣ ସହିତ ନିୟମିତ ଔଷଧ ବଂଟନ ଓ ରୋଗୀସେବା ଯୋଗଇବା ପାଇଁଚଳିତ ମାସ ଶେଷ ସପ୍ତାହ ରେ ହେବାକୁ ଥିବା ଧାରଣା ଓ ପ୍ରତିବାଦ ଓ ବିକ୍ଷୋଭ ପାଇଁ ପ୍ରସ୍ତୁତି ବୈଠକ ପ୍ରଦୀପ କୁମାର ଦାସ ଙ୍କ ଗୃହରେ ଅନୁଷ୍ଠିତ ହୋଇଯାଇଛି. ଜୋନାଲ କମିଟି ର ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଙ୍କ ଅଧକ୍ଷତା ରେ ଆୟୋଜିତ ଏହି ସଭାରେ ଜିଲ୍ଲା ସଭାପତି ଆଡ଼ଭୋକେଟ ନିରଞ୍ଜନ ପରିଡା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ. ସମ୍ପାଦକ ତରୁଣ କୁମାର ଦାସ, ସଂଯୋଜକ ଜଗଦାନନ୍ଦ ବିଶ୍ୱାଳ, ବିଧାନ ଚନ୍ଦ୍ର ରାୟ ପ୍ରମିତା ଦାସ ଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇ ଆସନ୍ତା ୨୮ ତାରିଖ ରେ ରେମୁଣା ଓ ନୀଳଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତି କରାଯାଇଛି. ସେହିପରି ଆସନ୍ତା ଅଗଷ୍ଟ ପହିଲା ରେ ଜିଲ୍ଲା କମିଟି ତରଫରୁ ହେବାକୁ ଥିବା ଏମ୍ସ ସେଟଲାଇଟ ଡାକ୍ତର ଖାନା ସମ୍ମୁଖରେ ମଧ ରେମୁଣା ଜୋନ ରୁ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ନିଷ୍ପତି ହୋଇଛି ।

# ବୋମା ଧମକ ପରେ କୋର୍ଟ ପରିସରରେ ବୋମା ନିଷ୍କ୍ରିୟକାରୀ ଟିମ ଓ ବହୁ ସଂଖ୍ୟାରେ ପୋଲିସ ଫୋର୍ସ ପହଂଚି ତଲାସି ଜାରି

ବାଲେଶ୍ୱର (ନି.ପ୍ର.)ଜିଲ୍ଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ବୋମା ଧମକ । ସମଗ୍ର କୋର୍ଟ ପରିସରକୁ ବୋମାରେ ଉଡ଼ାଇ ଦେବାକୁ ଇ-ମେଲ୍ ଯୋଗେ ଆସିଛି ନାଲିଆଖି । ଏହି ଧମକପୂର୍ଣ୍ଣ ମେଲ୍ ? ପରେ କୋର୍ଟ ପରିସରରେ ଉତେଜନା ପ୍ରକାଶ ପାଇଛି । ସୁରକ୍ଷା ଦୃଷ୍ଟିରୁ ବିଚାରପତିଙ୍କ ସମେତ ସମସ୍ତ ଓକିଲ ଓ କର୍ମଚାରୀ କୋର୍ଟ ହଲ୍



ଛାଡ଼ି ବାହାରକୁ ଚାଲି ଆସିଛନ୍ତି । ଖବର ପାଇ ସହଦେବଖୁଂଟା ପୋଲିସ ଏବଂ ଅତିରିକ୍ତ ଏସପି ଘଟଣାସ୍ଥଳରେ ପହଂଚି ଛାନଭିନ ଆରମ୍ଭ କରିଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲା କୋର୍ଟକୁ ଏଭଳି ବୋମା ଧମକ ଆସିଥିବା ନଜିର ରହିଛି । କୋର୍ଟକୁ ବୋମାରେ ଉଡ଼ାଇ ଦେବା ପାଇଁ ଲକ୍ଷ୍ନୌରୁ ଆସିଛି ଏକ ଧମକପୂର୍ଣ୍ଣ ଇ-ମେଲ୍ । ମେଲ୍‌ରେ ଉଲ୍ଲେଖ କରାଯାଇଛି ଯେ, ଦୁର୍ଗା ଷ୍ଟାଲିନ ସିଆ ମୁସଲମାନମାନଙ୍କ ସହାୟତାରେ ପୟଗମ୍ବର ମହମ୍ମଦଙ୍କୁ ଅପମାନିତ କରିଛନ୍ତି । ଏହାର ପ୍ରତିଶୋଧ ସ୍ୱରୂପ କୋର୍ଟ ଏବଂ ବିଚାରପତିଙ୍କ



କାର୍ଯ୍ୟାଳୟକୁ ଖୁବ୍ ଶୀଘ୍ର ୬ଟି ଜିଲାଟିନ୍ ବୋମା ଦ୍ୱାରା ବିସ୍ଫୋରଣ କରାଯିବ । ତେବେ ଏହି ଧମକପୂର୍ଣ୍ଣ ମେଲ୍ ?ରେ ଆତତାୟୀ ଜଣକ କେବଳ ସମ୍ପତିର କ୍ଷତି ଚାହୁଁଥିବା ଦାବି କରିଛି । ଏହି ଇ-ମେଲ୍ ଆସିବା ପରେ ସୁରକ୍ଷାକୁ ଦୃଷ୍ଟିରେ ରଖି କୋର୍ଟ ହଲ୍ ପରିସରରୁ ଓକିଲ, ବିଚାରପତି ଏବଂ ମୁହୁରିରମାନେ ବାହାରକୁ ପଳାଇ ଆସିଥିଲେ । ଘଟଣା ସ୍ଥଳରେ ସହଦେବଖୁଂଟା ଥାନା ପୋଲିସ ସହିତ ଅତିରିକ୍ତ ଏସପି ପହଂଚି ଘଟଣାର ଗମ୍ଭୀରତାକୁ ନେଇ ତଦନ୍ତ ଚଳାଇଛନ୍ତି । ସାଇବର ସେଲ୍ ସହାୟତାରେ ଏହି ମେଲ୍ କେଉଁଠାରୁ ଏବଂ କିଏ ପଠାଇଛି, ସେ ନେଇ ଖୋଳତାଳ ଜାରି ରହିଛି ।

ସେପଟେ ବାଲେଶ୍ୱର ଜିଲ୍ଲା ଓ ଦୌରାଜଜ କୋର୍ଟକୁ ବୋମା ଧମକ କୁନେଇ ଅତିରିକ୍ତ ଏସପିଙ୍କ ବୟାନ । ସନ୍ଦିଗ୍ଧ ଇମେଲ ଜରିଆରେ କୋର୍ଟକୁ ଧମକପୂର୍ଣ୍ଣ ମେଲ୍ ଆସିଥିଲା । ତେବେ ଘଟଣାକୁ ଗୁରୁତ୍ୱ ସହ ନେଇ ବାଲେଶ୍ୱର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ବର୍ତମାନ ବୋମା ଧମକକୁ ନେଇ କୋର୍ଟ ପରିସର ସୁରକ୍ଷା ଦୃଷ୍ଟିରୁ ପ୍ରବେଶ ନିଷେଧ କରାଯାଇଥିଲା । କୋର୍ଟ ପରିସରରେ ବୋମା ନିଷ୍କ୍ରିୟକାରୀ ଟିମ ଓ ବହୁ ସଂଖ୍ୟାରେ ପୋଲିସ ଫୋର୍ସ ପହଂଚି ତଲାସି କରାଯାଇଥିଲା । ବର୍ତମାନ ମଧ ସର୍ଚ୍ଚ ଅପରେସନ ଜାରି ରହିଛି । ଏପର୍ଯ୍ୟଂତ ସେମିତି କୌଣସି ସନ୍ଦେହ ଜନକ ବସ୍ତୁ ନଜର ଆସିନାହିଁ ।

# ବିଜେଡି ପକ୍ଷରୁ ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟିକୁ ନେଇ ଶିକ୍ଷା ବଂଚାଅ ଅଭିଯାନ

ବାଲେଶ୍ୱର,(ନି.ପ୍ର.): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟିକୁ ନେଇ ବିଜେପିକୁ ଘେରିଛି ବାଲେଶ୍ୱର ବିଜେଡି । ଏନେଇ ସୋମବାର ବାଲେଶ୍ୱର ଯୁବ-ଛାତ୍ର ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବର୍ଷା ସତ୍ୱେ ହଜାର ହଜାର ଯୁବ ଓ ଛାତ୍ରଙ୍କୁ ନେଇ ବିଶାଳ ଶୋଭାଯାତ୍ରା ମିଶନ ପଡ଼ିଆରୁ ବାହାରି ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଁଚିଛି । ଏହି ପରିପ୍ରେକ୍ଷୀରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁ ଏବଂ ସମସ୍ତ ବରିଷ୍ଠ ନେତୃତ୍ୱ ଉପସ୍ଥିତ ରହି ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିବା ବେଳେ ଦୁଇ ମନ୍ତ୍ରୀଙ୍କ କୁଶ ପୁତଳିକା ଦାହ କରାଯାଇଛି ।କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଯୁବ ଜନତାର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ସଭାପତିତ୍ୱ କରିଥିବା ବେଳେ ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଗିରିଶ ଚନ୍ଦ୍ର ଦାଶ, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ବିଜେଡି ଟାଉନ ସଭାପତି ମନୋଜ ରାଉତ, ଯୁବ ବିଜେଡିର ମହାସଚିବ ଅମରଜିତ ସେନାପତି, ଛାତ୍ର କାର୍ଯ୍ୟକାରୀ ସଭାପତି ବାବୁ ଖାନ, ଯୁବନେତା ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିବା ସହ ବିଜେପିର ଶିକ୍ଷା ମାରଣ ନୀତି ବିରୁଦ୍ଧରେ ବର୍ଷିଥିଲେ । ପାଠ୍ୟ ପୁସ୍ତକରେ ହଜାର ହଜାର ସଂଖ୍ୟାରେ ତ୍ରୁଟି ଥିବା ବେଳେ ବିଜେପି ସରକାର ତାର ସଂଶୋଧନ କରୁନାହିଁ । ଯାହା ଫଳରେ ରାଜ୍ୟର ପ୍ରାକ ଶିକ୍ଷା ବ୍ୟବସ୍ଥା ଭୁଶୁଡିବାକୁ ଗଲାଣି । ସେହିପରି ପୁସ୍ତକ ମୁଦ୍ରଣରେ ୩୮୦ କୋଟିର ଦୁର୍ନୀତି ହୋଇଥିବା ବେଳେ ଏନେଇ ସିବିଆଇ ତଦନ୍ତ ସହ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି । ତଦନ୍ତ ଜରିଆରେ ଦୁର୍ନୀତିକୁ ସର୍ବ ସମ୍ମୁଖକୁ ଆଣିବା, ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ସମ୍ପୃକ୍ତ ଅଧିକାରୀ ଓ ଆଜେନ୍ସି ଉପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେଇ ବିଜେଡି ଦାବି କରିଛି । ସେହିପରି ଷାଣ୍ମାଷିକ ପରୀକ୍ଷା ପାଖେଇ ଆସୁଥିବାରୁ ଯଥାଶୀଘ୍ର ସଂଶୋଧିତ ପୁସ୍ତକ ବଂଟନ ନିମନ୍ତେ ସମସ୍ତେ ଦାବି କରିଛନ୍ତି । ପରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ରାଜ୍ୟ



ଯୁବ ଉପସଭାପତି ତାପସ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ଯୁବ ସଭାପତି ତାପସ ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ଜୟରାମ ଦାସ, ଯୁବନେତା ସେକ ଅନସର ଅଲ୍ଲୀ, ଯୁବନେତା ଭରତ ଭୂଷଣ ଦାସ, ଉମାଶଙ୍କର ତିଆଡ଼ି, ଛାତ୍ରନେତା ହରେକୃଷ୍ଣ ପ୍ରଧାନ, ଲକସନ ପ୍ରଧାନ, ଉମାକାନ୍ତ ଦାସ, ବିଭାସ ନାୟକ, ସୀତାଂଶୁ ଶେଖର ପରିଡ଼ା, ଜ୍ୟୋତିପ୍ରକାଶ ବେହେରା, ଜ୍ୟୋତିପ୍ରକାଶ ଗିରି, ମନୀଶ ପରିଡ଼ା, ବିଭୁଦତ ପରିଡ଼ା, ବିକାଶ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଜେଡିର ନେତୃବୃନ୍ଦଙ୍କ ମଧ୍ୟରେ ନୀଳଗିରି ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ, ଗଙ୍ଗାଧର ମିଶ୍ର, ସଞ୍ଜୟ ବେହେରା, ସୁବୋଧ ମହାନ୍ତି, ବିଶ୍ୱଜିତ ମହାପାତ୍ର, ରୀତିକ ଜୀ, ଆୟୁବ ଖାଁ, କାର୍ତିକ ସାହୁ, କାଉନସିଲର ମୀନା ମହାନ୍ତି, ସବିତାରାଣୀ ଦାସ, ସନ୍ଧ୍ୟାରାଣୀ ଜେନା, ରାଜଲକ୍ଷ୍ମୀ ଚାଟାର୍ଜୀ, କାଉନସିଲର ଶଶୀରେଖା ମହାନ୍ତି, ସୋନିଆ ମୁର୍ମୁ, ମୀରାଜ ବାନୋ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଏଆଇଟିୟୁସିର ଜିଲ୍ଲା ସମ୍ମିଳନୀ ଆସନ୍ତା ୧୯ରେ

ବାଲେଶ୍ୱର(ନି.ପ୍ର.): ଭାରତବର୍ଷର ପ୍ରଥମ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇଟିୟୁସିର ଅଷ୍ଟମ ଜିଲ୍ଲା ସମ୍ମିଳନୀ ଚଳିତ ଜୁଲାଇ ମାସ ୧୯ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ । ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନା ଆସନ୍ତା ରାଜ୍ୟ ସମ୍ମିଳନୀ ଓ ଜାତୀୟ ସମ୍ମିଳନୀ ସଂପର୍କରେ ସୂଚନା ଦେଇ ବାଲେଶ୍ୱର ଜିଲ୍ଲା ସମ୍ମିଳନୀକୁ ସଫଳ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ ବୈଠକରେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ରାଜ୍ୟ ଓ ଜାତୀୟସ୍ତରରେ ଶ୍ରମିକମାନଙ୍କ ସମସ୍ୟା ଉତ୍କଟ ହେଉଥିବାବେଳେ ଚଳିତ ବର୍ଷର ସମସ୍ତ ସମ୍ମିଳନୀ ବହୁ ଗୁରୁତ୍ୱ ରହିଛି ବୋଲି ମତ ଦେଇଥିଲେ । ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଓ ସଂପାଦକ ମାୟାଧର ନାୟକ ଆସନ୍ତା ରାଜ୍ୟ ସମ୍ମିଳନୀ ତାଳଚେରରେ ଓ ଜାତୀୟ ସମ୍ମିଳନୀ ବାଙ୍ଗାଲୋରରେ ହେବାକୁ ଥିବାର ସୂଚନା ଦେଇଥିଲେ । ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଶରତ ଚନ୍ଦ୍ର ଦଳାଇ, ଭରତ ଚନ୍ଦ୍ର ସେଠୀ, ଆରତୀ ଦାସ ମହାପାତ୍ର, ଯତୀନ୍ ପାତ୍ର, ପର୍ଶୁରାମ ସାହୁ, ସର୍ବେଶ୍ୱର ହାଁସଦା, ଶରତ ମହାନ୍ତି, ହରେକୃଷ୍ଣ ଚାନ୍ଦ ଓ ବନ୍ଦନା ବିଶ୍ୱାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହ କରି ସମ୍ମିଳନୀର ସଫଳତା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ପୂର୍ଣ୍ଣଚନ୍ଦ୍ର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।






# ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗଶୁଣାଣି ଶିବିର



ନୟାଗ(ନିପ୍ର): ନୟାଗଡ଼ ଜିଲ୍ଲାର ଭାପୁର ବ୍ଲକ ମୁଖ୍ୟାଳୟ ଠାରେ ସୋମବାର ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ଶୁଣାଣି ଓ ସମାଧାନ ଉଦ୍ଦେଶ୍ୟରେ ନୟାଗଡ଼ ଜିଲ୍ଲପାଳ ଏବଂ ଏସପିଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୧୬ଟି ଆବେଦନ ଗ୍ରହଣ କରାଯାଇଥିଲା । ମୋଟ ଅଭିଯୋଗ ମଧ୍ୟରୁ ୮୮ଟି ବ୍ୟକ୍ତିଗତ ଅଭିଯୋଗ, ୪ଟି ଗ୍ରାମ୍ୟ ସମସ୍ୟା, ସମ୍ବନ୍ଧୀୟ ଏବଂ ୨୪ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ (CMRF) ସହାୟତା ପାଇଁ ଆବେଦନ ରହିଥିଲା । ଶୁଣାଣି ସମୟରେ ଜିଲ୍ଲାର ସମସ୍ତ ଅଧିକାରୀମାନେ ବିଭିନ୍ନ ଅଭିଯୋଗର ତଦନ୍ତ କରି ୫୦ଟି ମାମଲାର ତୁରନ୍ତ ସମାଧାନ କରିଥିଲେ । ଅବଶିଷ୍ଟ ଆବେଦନଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପଠାଯାଇ ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପିଜି ସେଲ୍ ମାଧ୍ୟମରେ ସାଧାରଣ ଲୋକମାନେ ସିଧାସଳଖ ପ୍ରଶାସନ ନିକଟରେ ନିଜର ସମସ୍ୟା ଉପସ୍ଥାପନ କରିପାରୁଥିବାରୁ ଜନସାଧାରଣଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଥିଲା । ପ୍ରଶାସନ ପକ୍ଷରୁ ଲୋକଙ୍କ ଅଭିଯୋଗର ଶୀଘ୍ର ଓ ସ୍ୱଚ୍ଛ ସମାଧାନ ପାଇଁ ଏପରି ଶୁଣାଣି ଶିବିର ନିୟମିତ ଭାବେ ଆୟୋଜନ କରାଯାଉଛି ।

# ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ଜଳେଶ୍ୱର(ନିପ୍ର): ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ମାଳ ମାଳ ଭୁଲ ଶିକ୍ଷା ବ୍ୟବସ୍ଥା କୁ ଦୋହାଲେଇ ଦେଇଛି । ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳୁଥିବା ଗଣ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଜଳେଶ୍ୱର ସିପିଆଇ ଏମ ଆଂଚଳିକ କମଟି ପକ୍ଷରୁ ସୋମବାର ଜଳେଶ୍ୱର ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଯାଇଛି । ନୂତନ ଜାତୀୟ ଶିକ୍ଷା ନୀତିର କୌଣସି ତର୍ଜମା ନକରି କେନ୍ଦ୍ରୀୟ ନେତୃତ୍ୱଙ୍କୁ ସନ୍ତୁଷ୍ଟ କରିବା ଏବଂ ତରବରିଆ ଭାବେ ସମସ୍ତ ଶ୍ରେଣୀର ପାଠ୍ୟ ପୁସ୍ତକ ବଦଳାଇ ନୂତନ ପୁସ୍ତକ ପ୍ରସ୍ତୁତ କରିବା ଫଳରେ ମାଳ ମାଳ ଭୁଲ ହୋଇଥିବା ଅଭିଯୋଗ କରିଛନ୍ତି । ଏହାର ଉତର ଦାୟିତ୍ୱ ନେବା ପରିବର୍ତ୍ତେ ରାଜ୍ୟର ଗଣଶିକ୍ଷା ମନ୍ତ୍ରୀଙ୍କ ଖାମଖିଆଲି ବିବୃତି ଅତ୍ୟନ୍ତ ନିନ୍ଦନୀୟ ବୋଲି ବିକ୍ଷୋଭ କାରୀ କହିଥିଲେ । ମୁଖ୍ୟମନ୍ତ୍ରୀ ଭୁଲ ସଂଶୋଧନ କରି ନୂତନ ପୁସ୍ତକ ଯୋଗାଇବା କଥା କହୁଥିବା ବେଳେ ଗଣଶିକ୍ଷା ମନ୍ତ୍ରୀ ସଂଶୋଧିତ ଚିଠା ବିଦ୍ୟାଳୟକୁ ଦେଇ ପଢ଼ାଇବା ପାଇଁ କହୁଛନ୍ତି । ପିଲାମାନଙ୍କୁ ଭୁଲ ପଢ଼ାଇବା ବୌଦ୍ଧିକ ହତ୍ୟା ସଦୃଶ ହୋଇଥିବା ବେଳେ ଭବିଷ୍ୟତ ପିଢ଼ି ବିପଥଗାମୀ ହେବାକୁ ଯାଉଛନ୍ତି । ବୈଜ୍ଞାନିକ ମତବାଦ ଠାରୁ ଦୂରଇ, ଅନ୍ଧବିଶ୍ୱାସ ଆଡ଼କୁ ମୁହାଁଇବା ପାଇଁ ଷଡ଼ଯନ୍ତ୍ର ଚାଲିଛି ବୋଲି ସିପିଏମ ତରଫରୁ ସଙ୍ଗୀନ ଅଭିଯୋଗ କରାଯାଇଛି । ଅନ୍ୟପକ୍ଷରେ ହଜାର ହଜାର ତ୍ରୁଟି ପୂର୍ଣ୍ଣ ପଢାବହି ପ୍ରତ୍ୟାହାର ନକରି କୋଟି କୋଟି ବ୍ୟୟରେ ଲକ୍ଷ୍ମୀ ପୁରାଣ ଛପାଇ ବଂଟନ କରାଯିବ ନିଷ୍ପତି ଦୁଃଖ ପରିତାପର ବିଷୟ ବୋଲି ପାର୍ଟି କହିଛି । ରାଜନୈତିକ ଉଦ୍ଦେଶ୍ୟ ସାଧନ କରିବା ଲାଗି ସରକାର ଭୁଲ ତଥ୍ୟ ସମ୍ବଳିତ ପୁସ୍ତକ ପ୍ରସ୍ତୁତ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏହି ଅକ୍ଷମଣୀୟ ଅପରାଧ ଯୋଗୁଁ ତୁରନ୍ତ ଅପାରଗ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କୁ ବରଖାସ୍ତ କରିବା ପାଇଁ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

# ମଦ ଦୋକାନ ଖୋଲିବାକୁ ବିରୋଧ କରି ୬ ଘଂଟିଆ ବଜାର ବନ୍ଦ

ଧାମନଗର(ନିପ୍ର): ଧାମନଗର ବ୍ଲକ ଧୁଷୁରୀ ଥାନା ଅନ୍ତର୍ଗତ ନଦୀଗାଁ - ଧୁଷୁରୀ ରାସ୍ତା ର ଠେକି ଗଡ଼ିଆ ଠାରେ ସରକାରୀ ମଦ ଦୋକାନ ଖୋଲିବା ବିରୁଦ୍ଧରେ ଦିନକୁ ଦିନ ଜନ ଆନ୍ଦୋଳନ ତୀବ୍ରତର ହେଉଛି । ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ କରି ନଦୀଗାଁ ସମେତ ପାର୍ଶ୍ୱ ବର୍ତ୍ତି ୪ଟି ପଂଚାୟତର ଦଳ ମତ ନିର୍ବିଶେଷରେ ମହିଳା, ପୁରୁଷ, ସ୍ୱେଚ୍ଛାସେବୀ ସଂଗଠନ ମହିଳା ପ୍ରଥମେ ପ୍ରତିବାଦ ସଭା କରି ଶୋଭାଯାତ୍ରାରେ ଚାଲି ଚାଲି ଧୁଷୁରୀ ଥାନାରେ ଦାବିପତ୍ର ଦେଇଥିଲେ । ପରବର୍ତ୍ତୀ ସମୟରେ ଆନ୍ଦୋଳନ କାରୀ ଭଦ୍ରକ ଜିଲାପାଳ, ଏସ ପି ଓ ଅବକାରୀ ବିଭାଗ ଦପ୍ତରରେ ପହଂଚି ଦାବିପତ୍ର ଦେଇଥିବା ବେଳେ ପ୍ରସ୍ତାବିତ ସେହି ସରକାରୀ ମଦ ଦୋକାନକୁ ବିରୋଧ କରି ନଦୀଗାଁ ବଜାରର ବ୍ୟବସାୟୀ ମାନେ ସୋମବାର ନିଜର ବ୍ୟବସାୟ ପ୍ରତିଷ୍ଠାନକୁ ଦୀର୍ଘ ୬ ଘଂଟା ଧରି ବନ୍ଦ କରି ଆନ୍ଦୋଳନକୁ ସମର୍ଥନ କରିଛନ୍ତି । ଆନ୍ଦୋଳନ କାରୀ ମାନେ ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରି ମଦ ବିରୋଧୀ ଏବଂ ପ୍ରଶାସନ ବିରୁଦ୍ଧରେ ନାରାବାଜି ଦେଇଥିଲେ । ବଜାର ସମ୍ପୂର୍ଣ୍ଣବନ୍ଦ ରହିବା ଫଳରେ ବ୍ୟବସାୟିକ କାର୍ଯ୍ୟକଳାପ ପ୍ରଭାବିତ ହୋଇଛି । ଆନ୍ଦୋଳନ କାରୀଙ୍କ କହିବା କଥା ହେଲା ନଦୀଗାଁ ମୁଖ୍ୟ ରାସ୍ତା କଡରେ ଯେଉଁ ସ୍ଥାନରେ ଜନୈକ ମଦ ବେପାରୀ ମଦ ଦୋକାନ ଖୋଲିବାକୁ ଯାଉଛି ସେହି ଅଂଚଳର ବିଭିନ୍ନ ବିଦ୍ୟାଳୟ, ପଂଚାୟତ କାର୍ଯ୍ୟାଳୟ, ଦେବାଳୟ, ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟ , ଜଳାଶୟ ଆଦି ଥିବା ବେଳେ ମଦ ଦୋକାନ ପାଇଁ ଏହା ଉପଯୁକ୍ତ ସ୍ଥାନ ନୁହେଁ । ଏଠାରେ ମଦ ଦୋକାନ ହେଲେ ସାମାଜିକ ପରିବେଶ, ଯୁବପିଢ଼ୀ ଏବଂ ଜନସାଧାରଣଙ୍କ ଉପରେ କୁପ୍ରଭାବ ପଡ଼ିବ, ମଦୁଆଙ୍କ ଭୟରେ ମହିଳା, ଯୁବତୀ ରାସ୍ତାରେ ଯାଇ ପାରିବେ ନାହିଁ ବୋଲି ବ୍ୟବସାୟିକ ସଂଘ ପକ୍ଷରୁ କୁହାଯାଇଛି । ଏହି ଦାବିକୁ ନେଇ ପ୍ରଶାସନ ଶୀଘ୍ର ଉପଯୁକ୍ତ ପଦକ୍ଷେପ ନେବା ସହ ନଦିଗାଁ ରେ ସରକାରୀ ମଦ ଦୋକାନ ଖୋଲିବା ନିଷ୍ପତିକୁ ପ୍ରତ୍ୟାହାର କରିବାକୁ ବ୍ୟବସାୟିକ ସଂଘ ଏବଂ ଆଂଚଳିକ ଲୋକେ ଦାବି କରିଛନ୍ତି ।

# କୋଲ୍ ଇଣ୍ଡିଆ କର୍ପୋରେଟ୍ ସେଫ୍ଟି ବୋର୍ଡ଼ ଦ୍ୱାରା ଏମସିଏଲ୍ ର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା




ସମ୍ବଲପୁର(ନିପ୍ର): କୋଲ୍ ଇଣ୍ଡିଆ କର୍ପୋରେଟ୍ ସେଫ୍ଟି ବୋର୍ଡର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗତ ଜୁଲାଇ ୯ ରୁ ୧୨, ୨୦୨୬ ତାରିଖ ପର୍ଯ୍ୟନ୍ତ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (MCL) ଗସ୍ତ କରି ଏହାର ବିଭିନ୍ନ କାର୍ଯ୍ୟକ୍ଷମ ଅଂଚଳରେ ସୁରକ୍ଷା ବ୍ୟବସ୍ଥା ଓ ଭିତିଭୂମିର ସମୀକ୍ଷା କରିଛନ୍ତି । ଏମସିଏଲ୍‌ର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ, କୋଲ୍ ଇଣ୍ଡିଆ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସୁରକ୍ଷା) ସି. ପି. ଗର୍ଗଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ, ଯେଉଁଥିରେ ଏନ୍ କେ ସିଂହ (ବି.ଏମ୍.ଏସ୍), ଅଖତର ଜାଭେଦ୍ ଓସମାନି (ଏଚ୍.ଏମ୍.ଏସ୍), ସିଜେ ଜୋସେଫ୍ (ଏ.ଆଇ.ଟି.ୟୁ.ସି), ଜି କେ ଶ୍ରୀବାସ୍ତବ (ସି.ଆଇ.ଟି.ୟୁ) ଏବଂ ଆର୍ କେ ଶର୍ମା (ଆଇ.ଏମ୍.ଏମ୍. ଏ) ସାମିଲ ଥିଲେ । ଏହି ଚାରି ଦିନିଆ ଗସ୍ତ କାଳରେ ଟିମ୍ ଲଖନପୁର ଅଂଚଳର ହିମଗିର ବୁନ୍ଦିଆ ଭୂତଳ ଖଣି, ସମଲେଶ୍ୱରୀ ଓପନ୍ କାଷ୍ଟ ପ୍ରକଳ୍ପ, ବେସିକ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ (BTI) ଓ ଗୋ ଅମୃତ ଗୋଶାଳା ଏବଂ ଓରିଏଂଟ ଅଂଚଳର ଚନ୍ଦ୍ରଶେଖର ଆଜାଦ ଇକୋ ପାର୍କ ପରିଦର୍ଶନ କରିଥିଲେ । ହିମଗିର ବୁନ୍ଦିଆ ଖଣିର ସୁବିକଶିତ ଭୂତଳ ଓ ଭୂପୃଷ୍ଠ ଭିତିଭୂମି, ଇକୋ ପାର୍କର ପରିବେଶ ଅନୁକୂଳ ପଦକ୍ଷେପ ଏବଂ ସମଲେଶ୍ୱରୀ ଓସିପିରେ ଗ୍ରହଣ କରାଯାଇଥିବା ବିଭିନ୍ନ ସୁରକ୍ଷା ବ୍ୟବସ୍ଥାକୁ ସଦସ୍ୟମାନେ ଉଚ୍ଚ ପ୍ରଶଂସା କରିବା ସହ ସୁରକ୍ଷା ନିୟମାବଳୀର ଅନୁପାଳନକୁ ବୁଝିବା ପାଇଁ ସେମାନେ ବିଭାଗୀୟ ଏବଂ ଚୁକ୍ତିଭିତିକ କର୍ମଚାରୀମାନଙ୍କ ସହ ମଧ ମତ ବିନିମୟ କରିଥିଲେ । ପ୍ରତିନିଧି ଦଳ ଲଖନପୁର ସ୍ଥିତ ବି.ଟି.ଆଇ ଠାରେ ଭର୍ଚୁଆଲ୍ ରିଆଲିଟି (VR) ଆଧାରିତ ସୁରକ୍ଷା ପ୍ରଶିକ୍ଷଣ ମଡ୍ୟୁଲ୍ ପରିଦର୍ଶନ କରିଥିଲେ ଏବଂ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ ସୁରକ୍ଷା ସଚେତନତା ବୃଦ୍ଧି ପାଇଁ ଏମସିଏଲ୍‌ର ପ୍ରୟାସକୁ ବେଶ୍ ପ୍ରଶଂସା କରିଥିଲେ । ଏହା ସହିତ ବୋର୍ଡ ସଦସ୍ୟମାନେ ଗୋ ଅମୃତ ଗୋଶାଳାର ମଧ ପ୍ରଶଂସା କରିଥିଲେ, ଯାହା ପ୍ରାଣୀ କଲ୍ୟାଣ ପ୍ରତି ଏମସିଏଲ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । କର୍ପୋରେଟ୍ ସେଫ୍ଟି ବୋର୍ଡର ସଦସ୍ୟମାନେ ସୁରକ୍ଷା ମାନଦଣ୍ଡକୁ ଆହୁରି ସୁଦୃଢ଼ କରିବା ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ଲଖନପୁର, ଓରିଏଂଟ ଏବଂ ଇବ୍ ଭ୍ୟାଲି ଅଂଚଳର ଏରିଆ ଜେନେରାଲ ମ୍ୟାନେଜରଙ୍କ ସମେତ ସିଆଇଏଲ୍‌ର ଜି.ଏମ୍ (ସୁରକ୍ଷା ଏବଂ ଉଦ୍ଧାର) ଇ. କାର୍ତ୍ତିକେୟନ, ଏମସିଏଲ୍‌ର ଜିଏମ୍ (ସୁରକ୍ଷା ଏବଂ ଉଦ୍ଧାର) ସୁନୀଲ ଶର୍ମା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ପ୍ରତିନିଧି ଦଳ ସହ ଉପସ୍ଥିତ ଥିଲେ ଏବଂ ଏମସିଏଲ୍‌ର ସମସ୍ତ କାର୍ଯ୍ୟକଳାପରେ ସୁରକ୍ଷାକୁ ଅଧିକ ବ୍ୟାପକ କରିବା ପାଇଁ ଏହି ସୁପାରିଶଗୁଡ଼ିକୁ କାର୍ଯ୍ୟକାରୀ କରାଯିବ ବୋଲି ସେମାନେ ଆଶ୍ୱାସନା ଦେଇଛନ୍ତି ।

# ସୋରରେ ଖୋଲିବ ଅମୃତଧାରା ପାଲିଏଟିଭ କେୟାର ଟ୍ରଷ୍ଟ

ସୋର(ନିପ୍ର): ଅମୃତଧାରା ପାଲିଏଟିଭ କେୟାର ଟ୍ରଷ୍ଟ, ଭୁବନେଶ୍ୱରରେ ଥିବା ଏକ ଅଗ୍ରଣୀ ପାଲିଏଟିଭ କେୟାର କେନ୍ଦ୍ର, ଯାହାକି କ୍ୟାନସର ରୋଗୀଙ୍କ ଯନ୍ତ୍ରଣା ଉପଶମ ପାଇଁ ପରାମର୍ଶ, ରୋଗୀ ଚିକିତ୍ସା, ଔଷଧ, ଘରୋଇ ଚିକିତ୍ସା ମାଗଣାରେ ପ୍ରଦାନ କରିଥାଏ । ଆଗାମୀ ଦିନରେ ଏହାର ଶାଖା କାର୍ଯ୍ୟାଳୟ ସୋରରେ କରିବାକୁ ଏହି ସଂଗଠନ ସମ୍ମତି ପ୍ରଦାନ କରିଅଛି । ପ୍ରଥମ ପର୍ଯ୍ୟାୟ ରେ ଅମୃତ ଧାରା ଭୁବନେଶ୍ୱର ଅଧିନରେ ସୋରରେ ଏକ ପାଲିଏଟିଭ ସୂଚନା କେନ୍ଦ୍ର ଖୁବ୍ ଶୀଘ୍ର ଖୋଲାଯିବା ନେଇ ବିସ୍ତୃତ ଆଲୋଚନା ଗତକାଲି ସୋର ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଆଲୋଚନରେ ସୋରର ସମସ୍ତ ବୁଦ୍ଧିଜୀବି, ସାମ୍ବାଦିକ ବନ୍ଧୁ, ସୋସିଆଲ ମିଡିଆ ବନ୍ଧୁ ତଥା ଆଗ୍ରହୀ ବ୍ୟକ୍ତି ମାନେ ଯୋଗ ଦେଇଥିଲେ । ସୋର ଭଳି ଏକ ଛୋଟ ସହରରେ ଏଭଳି ଏକ ଚିକିତ୍ସା ସୁବିଧା ଉପଲବ୍ଧ କରିବାର ପରିକଳ୍ପନା କରିଥିବା ନିହାର ରାଉତ ସୁଦୂର ଚିକାଗୋ ସହରରୁ ଭିଡିଓ କଲ୍ ମାଧ୍ୟମରେ ଯୋଗଦେଇ ଏପରି ଏକ ସାଧୁ ଉଦ୍ୟମରେ ଯୋଗଦେଇ ଥିବା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଏଭଳି ଚିକିତ୍ସା ସୁବିଧା ସୋର ରେ ଉପଲବ୍ଧ ହୋଇ ପାରିଲେ କ୍ୟାନ୍ସର ରୋଗୀ ଓ ସେମାନଙ୍କ ପରିବାର କିପରି ଉପକୃତ ହୋଇପାରିବେ ସେ ସମ୍ବନ୍ଧରେ ଜଣାଇବା ସହ ରାଧାକୃଷ୍ଣ ମହାପାତ୍ରଙ୍କ ନେତୃତ୍ୱରେ ଏକ କମିଟି ଏହି କେନ୍ଦ୍ରର ତତ୍ତ୍ୱାବଧାରକ ଭାବରେ କାର୍ଯ୍ୟ କରିବ ବୋଲି ଘୋଷଣା କରିଥିଲେ । ରାଧାକୃଷ୍ଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ପଦ୍ମଲୋଚନ ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଚେମ୍ପେଇ ଦାସ, ମହେଶ୍ୱର ପଣ୍ଡା, ଜୟରାମ ଦାସ, ଅଶୋକ କୁମାର ମହାନ୍ତି ସମେତ ଅନେକ ବୁଦ୍ଧିଜୀବି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ । ପ୍ରଦୀପ ଦାସ ପାଲିଏଟିଭ କେୟାର ସମ୍ବନ୍ଧ ରେ ନିଜର ଅଙ୍ଗେଲିଭା ଅନୁଭୂତିକୁ ଉପସ୍ଥାପନ କରିଥିଲେ । ସୌମ୍ୟଶାନ୍ତ ଅମୃତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ମିନତୀ କର ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ଦିନରେ ଆଗ୍ରହୀ ନର୍ସ ଓ ସ୍ୱେଚ୍ଛାସେବୀମାନଙ୍କୁ ପାଲିଏଟିଭ କେୟାର ର ପ୍ରଶିକ୍ଷଣ ଖୁବ୍ ଶୀଘ୍ର ଦେବା ପାଇଁ ସର୍ବ ସମ୍ମତ ମତ ପ୍ରକାଶ ପାଇଥିଲା ।


## AFFIDAVIT

By virtue of an Affidavit Sworn before Executive magistrate Balasore, dated 04.07.2025 I Sri. Hrusikesh Panigrahi aged 56 years S/o: Late-Kashinath Panigrahi resident of At-Angaragadia Ps- Industrial Area Post/Dist: Balasore, (Odisha), Pin-756001, having Aadhaar Card No- 6353 2197 9421 declare that my son namely Ayush Panigrahi's Class-12 CBSE Certificate father's name wrongly mentioned as Hrushikesh Panigrahi. However the correct spelling is Hrusikesh Panigrahi.

Sd/-
Hrusikesh Panigrahi



## AFFIDAVIT

I, Hrudananda Biswal, S/o- Late Narayan Biswal, residing at Village: Padhani (Sailo), P.O.: Mamadulla, P.S.: Dhamnagar, Dist: Bhadrak, Odisha, do hereby declare for general information that my recorded name in my Aadhar card is Hrudananda Biswal. However, my nick name is Subash Chandra Biswal, which has been recorded in my Service Attendance Card during my employment at Fort Gloster Industries Limited, Bauria, West Bengal. I hereby solemnly affirm that "Hrudananda Biswal" and "Subash Chandra Biswal" are one and the same person.This declaration is made in accordance with the Affidavit sworn before the Executive Magistrate, Dhamnagar, vide A. No. 1861, dated 08/05/2024. This notice is issued to serve as proof for claiming pension, gratuity, and P.F. benefits related to my service.

Sd/-
Hrudananda Biswal



GOVT. OF ODISHA
OFFICE OF THE SUPERINTENDING ENGINEER
BALASORE IRRIGATION DIVISION, BALASORE
e-Mail id. eebid1234@gmail.com
'e'-Procurement Notice No. SEBID 03 of 2026-27

No. 32001/541/2627

| | | | |
|---|---|---|---|
| 1. | Procurement Officer | : | Superintending Engineer, Balasore Irrigation Division, Balasore |
| 2. | Total No. of Work | : | 16 (Sixteen) No. of Works |
| 3. | Estimated Cost | : | Varies from Rs.46.09 lakhs to Rs.84.71 lakhs approximately (details can be seen in the DTCN of bid documents of the respective works) |
| 4 | Class of Contractor | : | (Details can be seen in the DTCN of bid documents of the respective works) |
| 5 | Bid Security | : | Details can be seen in the DTCN of bid documents of the respective works. |
| 6 | Period of completion | : | Details can be seen in the DTCN of bid documents respective works. |
| 7. | Date & Time of Availability of Bid: Documents in the Portal for On-line bidding | : | From dt 20.07.2026, 10.00 hours to 31.07.2026, up to 17.00 hours |
| 8. | Last date/ Time for receipt of Bid only in online | : | 31.07.2026 up to 17.00 hours |
| 9 | Date/ Time of Opening Technical & Financial Bid of respective works | : | 01.08.2026 at 11.00 hours onwards at Office of the Superintending Engineer, Balasore Irrigation Division, Balasore. |
| 10. | e-mail Id | : | eebid1234@gmail.com |

Further details can be seen from the "e" Procurement Portal http: // tendersodisha.gov.in

Sd/-
Superintending Engineer,
Balasore Irrigation Division,
Balasore

OIPR. 32001/32110/1/26-27/0003


# ଜିଲ୍ଲାପାଳଙ୍କ ଓ ଆରକ୍ଷୀ ଅଧିକ୍ଷକଙ୍କ ଟାଙ୍ଗୀ ବ୍ଲକ ପରିସରରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ




ଖୋର୍ଦ୍ଧା(ନିପ୍ର): ଟାଙ୍ଗୀ ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପାରୁଶୋତମ୍ ଦାସଙ୍କ ଟାଙ୍ଗୀ ବ୍ଲକ୍ ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି କ୍ଷ ଉକ୍ତ ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଏବଂ ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଅଭିଯୋଗ ଶିବିରକୁ ମୋଟ ୬୮ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୫୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୧ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ ଅଭିଯୋଗ ଶିବିରରେ ୦୬ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । କର୍କଟ ରୋଗାକ୍ରାନ୍ତ ଉର୍ମିଳା ଚନ୍ଦନ ଗ୍ରାମ ଓରଡ, ଗ୍ରାମ ପଂଚାୟତ: ପାଣି ଓରଡ, ବ୍ଲକ୍: ଟାଙ୍ଗୀଙ୍କୁ କର୍କଟ ଚିକିତ୍ସା ନିମନ୍ତେ ୧୦ ହଜାର ଆର୍ଥିକ ସହାୟତା ଜିଲ୍ଲା ରେଡକ୍ରସ ପାଣ୍ଠିରୁ, ମୀନା କାଡମ ସିଂହ, ବଡପୁର, ଟାଙ୍ଗୀ କୁ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ୧୫ ହଜାର ଏବଂ ମାଣିକ ବେହେରା ଓ ଅନ୍ୟ ତିନିଜଣ, ଗ୍ରାମ: ଭୂଷଣ୍ଡ ପୁର, ଟାଙ୍ଗୀ କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୬୦ ହଜାର ଆର୍ଥିକ ସହାୟତା ରାଶି ନେଇ ମୋଟ ୮୫ ହଜାର ଆର୍ଥିକ ସହାୟତା ରାଶି ଜିଲ୍ଲାପାଳ ପ୍ରଦାନ କରିଥିଲେ । ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ, ସି ଏସ ଓ, ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ବି ଡି ଓ, ଟାଙ୍ଗୀ ରୁମାନା ଜାଫ୍ରୀ, ତହସିଲଦାର ଟାଙ୍ଗୀ, ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ, ଖୋର୍ଦ୍ଧାଙ୍କ ସମେତ ତ୍ରିସ୍ତରୀୟ ପଂଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ, ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।





ଅନ୍ୟଠାରେ ଦେଖିଲା ପୂର୍ବରୁ ନିଜ ଠାରେ ସେହି ଦୋଷ ଅଛିକି ନାହିଁ ପ୍ରଥମେ ଦେଖିନିଅ ।

# ଆଜିକାଲି



*ଅନନ୍ତବିଜୟଂ ରାଜା କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ*
*ନକୁଳଃ ସହଦେବଶ୍ଚ ସୁଘୋଷମଣିପୁଷ୍ପକୌ*
*(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : କୁନ୍ତୀପୁତ୍ର ରାଜା ଯୁଧିଷ୍ଠିର "ଅନନ୍ତ ବିଜୟ" ନାମକ ଶଙ୍ଖ ବଜାଇଲେ, ନକୁଳ "ସୁଘୋଷ" ନାମକ ଶଙ୍ଖ ବଜାଇଲେ ଏବଂ ସହଦେବ "ମଣିପୁଷ୍ପକ" ନାମକ ଶଙ୍ଖ ବଜାଇଲେ ।

## ଶିକ୍ଷାଦାନ ବ୍ୟବସ୍ଥାର ସଫଳ ରୂପାୟନ

ଓଡ଼ିଶାରେ ପ୍ରାଥମିକ ଠାରୁ ଉଚ୍ଚଶିକ୍ଷା(କେଜି ରୁ ପିଜି) ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ନିମନ୍ତେ ରାଜ୍ୟ କ୍ୟାବିନେଟରେ ଯେଉଁ ନିଷ୍ପତି ହୋଇଛି ତାହାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ସ୍ୱାଗତ କରାଯାଇଛି । ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତିକ ଓ ସୁଲଭ କରିବା ପାଇଁ ସ୍କୁଲ କଲେଜ ମାନଙ୍କରେ ଉପଯୁକ୍ତ ସଂଖ୍ୟକ ଶିକ୍ଷକ ଓ ଶିକ୍ଷାକର୍ମଚାରୀ, ଅନୁଷ୍ଠାନର ପରିଚାଳନା ଓ ସୁରକ୍ଷା ନିମନ୍ତେ ଉପଯୁକ୍ତ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେଲେ ଏହା ଫଳପ୍ରଦ ହୋଇପାରିବ ବୋଲି ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତି ମାଧ୍ୟମରେ କହିଛନ୍ତି । ସୂଚନାଥାଉକି, କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ପାଇଁ ରାଜ୍ୟସରକାର ତାଙ୍କର ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ ଅବସରରେ ଗତ ଜୁନ୍ ୧୨ ତାରିଖରେ ଘୋଷଣା କରି ଏକମାସର ଅବଧି ମଧ୍ୟରେ ଏହାକୁ କ୍ୟାବିନେଟ ବୈଠକରେ ପାରିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହି ଯୋଜନା ଅଧୀନରେ ରାଜ୍ୟର ସମସ୍ତ ଯୋଗ୍ୟ ସରକାରୀ, ବେସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ କେଜିରୁ ପିଜି ଯାଏଁ ଛାତ୍ରଛାତ୍ରୀ ମାଗଣାରେ ପାଠ ପଢ଼ିବେ । ଏହି ଯୋଜନା ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ହିଁ କାର୍ଯ୍ୟକାରୀ ହେବ । ଏହି ଐତିହାସିକ ନିଷ୍ପତି ଦ୍ୱାରା ରାଜ୍ୟର ଜଣେ ବି ଛାତ୍ରଛାତ୍ରୀ ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଂଚିତ ହେବେ ନାହିଁ ବୋଲି ସରକାର ଗଣମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି । ଏହି ଯୋଜନା ଅଧୀନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନରେ ନିୟମିତ ବା ରେଗୁଲାର୍ ପାଠ୍ୟକ୍ରମରେ ନାମ ଲେଖାଇ ଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି ଛାଡ଼ କରାଯିବ ଏତଭିନ୍ନ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକ କିପରି ଚାଲିବ ସେ ଦିଗରେ ସରକାର କେତେଦୂର ଚିନ୍ତା କରିଛନ୍ତି ସେ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯେତେବେଳେ ସରକାରୀ ବିଦ୍ୟାଳୟକୁ କଂଟିଜେନ୍ସି ଫଣ୍ଡ ଦେଉଛନ୍ତି, ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ଆର୍ଥିକ ପ୍ରୋତ୍ସାହନ, ଇଲେକ୍ଟ୍ରି ବିଲ୍ ଆଦି ପ୍ରଦାନ କରୁଛନ୍ତି, ସେତେବେଳ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକୁ ଟଙ୍କାଟିଏ ନଦେଇ ଶିକ୍ଷକ ଅଭିଭାବକ ବୈଠକ କଥା କହୁଛନ୍ତି, ସରକାର ଯେପରି ସରକାରୀ ବିଦ୍ୟାଳୟ ଗୁଡ଼ିକୁ ସମସ୍ତ ସୁବିଧା ଯୋଗାଉଛନ୍ତି ସେହିପରି ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକୁ ସମସ୍ତ ସରକାରୀ ସୁବିଧା ଯୋଗାଇବା ଦରକାର ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଯାହାଫଳରେ ଏକ ସୁସ୍ଥ ବାତାବରଣ ଓ ଉତମ ଶୈକ୍ଷିକ ପରିବେଶ ସୃଷ୍ଟି ହୋଇ ପାରିବ ।

# ମହାବେଦୀ, ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଓ ନାକଚଣା ଦ୍ୱାର

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା






ରତ୍ନ ବେଦୀରେ ଠାକୁର ବର୍ଷ ତମାମ ବିଜେ କରିବାବେଳେ ଜନ୍ମ ମହାବେଦୀକୁ ଆସନ୍ତି ଶ୍ରୀଗୁଣ୍ଡିଚା ଯାତ୍ରାରେ । ଶ୍ରୀଗୁଣ୍ଡିଚା ମନ୍ଦିର ହିଁ ସେହି ଜନ୍ମ ମହାବେଦୀ । ଏହା ଜୀଉ ମାନଙ୍କର ଜନ୍ମ ସ୍ଥାନ । ରଥ ଯାତ୍ରାରେ ରଥ ତ୍ରୟ ଉତରାଭିମୁଖୀ ହୋଇ ଗୁଣ୍ଡିଚା ମନ୍ଦିରକୁ ଆସିବା ପରେ ସେଠାରେ ସାତ ଦିନ ଅବସ୍ଥାନ କରି ପୁନରାୟ ବାହୁଡ଼ା ଦଶମୀ ତିଥିରେ ଦକ୍ଷିଣାଭିମୁଖୀ ହୋଇ ଶ୍ରୀମନ୍ଦିରର ସିଂହଦ୍ୱାରକୁ ବାହୁଡ଼ି ଯାଆନ୍ତି । ଏହି ଗୁଣ୍ଡିଚା ମନ୍ଦିର ଠାରେ ରାଜା ଇନ୍ଦ୍ରଦ୍ୟୁମ୍ନ ବିଷ୍ଣୁଙ୍କ ପ୍ରାତ୍ୟର୍ଥେ ଯଜ୍ଞ କରିଥିଲେ । ଯଜ୍ଞବେଦୀରେ ବିଷ୍ଣୁଙ୍କ ପ୍ରତିରୂପ ଭାବରେ ନୃସିଂହଙ୍କ ମୂର୍ତ୍ତି ରଖିଥିଲେ । ବେଦୀ ନିର୍ମାଣ କରି ଅଶ୍ୱମେଧ ଯଜ୍ଞମଧ କରିଥିଲେ । ତେଣୁ ଏହାକୁ ଯଜ୍ଞ ମଣ୍ଡପ ବୋଲି ମଧ କୁହାଯାଏ । ଶାସ୍ତ୍ରରେ କୁହାଯାଇଛି, ନୀଳାଦ୍ରିରେ ଦଶ ବର୍ଷ ଦର୍ଶନ ଫଳ ଗୁଣ୍ଡିଚା ମଣ୍ଡପରେ ଗୋଟିଏ ଦିନର ଦର୍ଶନ ଫଳ ସହିତ ସମାନ । ପୁଣି ଦିବସ ଦର୍ଶନର ଫଳ ଅପେକ୍ଷା ରାତ୍ରି ଦର୍ଶନର ଫଳ ଦଶଗୁଣ ଅଧିକ । ସ୍ୱୟଂ ଜଗନ୍ନାଥ ତ୍ରିବାର ସତ୍ୟ କରି କହିଛନ୍ତି ଯେ ବିଷ୍ଣୁଙ୍କ ଉତ୍ସବମାନଙ୍କ ମଧ୍ୟରେ ମହାବେଦୀ ମହୋତ୍ସବ ହେଉଛି ଶ୍ରେଷ୍ଠ । କାରଣ ଏଥିରେ ସ୍ୱୟଂ ବିଷ୍ଣୁ ରଥରେ ବିହାର କରିଥାନ୍ତି । ଏହି ସ୍ଥାନରେ ରାଜର୍ଷି ଜନକ ମଧ ଯଜ୍ଞ କରିଥିଲେ ଓ ଯଜ୍ଞ ପରେ ଭୂମିରେ ହଳ କରିଥିବାରୁ ମାଟି ମଧ୍ୟରୁ ସୀତାଙ୍କୁ ପାଇଥିଲେ । ଜନକପୁତ୍ରୀ ଜାନକୀ ନାମରେ ସେ ପରିଚିତା ହୋଇଥିଲେ । ସେହି କାରଣରୁ ଏହି କ୍ଷେତ୍ର ଜନକପୁରୀ ନାମରେ ମଧ ପରିଚିତ । ଗୁଣ୍ଡିଚା ମନ୍ଦିର ପଶ୍ଚାତରେ ଅଳ୍ପ ଦୂରରେ ରହିଛି ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ । ଏହା ଏକ ପ୍ରାଚୀନ ତୀର୍ଥ ସରୋବର । ଆଷାଢ଼ ମାସ ଶୁକ୍ଳ ପଂଚମୀ ମାଘା ନକ୍ଷତ୍ର ତିଥିରେ ଏହି ପୂଣ୍ୟ ତୀର୍ଥ ପ୍ରକଟ ହୋଇଥିଲା । ପୁରାଣରେ ବର୍ଣ୍ଣିତ ଅଛି ଯେ ମହାରାଜ ଇନ୍ଦ୍ରଦ୍ୟୁମ୍ନ ଶ୍ରୀକ୍ଷେତ୍ରରେ ପ୍ରବେଶ କରିବା ସମୟରେ ଚତୁର୍ଦ୍ଦିଗ ବାଲୁକା ରାଶିରେ ପରିଣତ ହୋଇଥିବାର ଦେଖି ସେ ବ୍ରହ୍ମାଙ୍କୁ ପ୍ରାର୍ଥନା କରିଥିଲେ । ତାଙ୍କ ନିର୍ଦ୍ଦେଶରେ ଏ କ୍ଷେତ୍ରରେ ବିଷ୍ଣୁ ଯୋଗ ଓ ଗୋଦାନ ପାଇଁ ଦଶାଶ୍ୱମେଧ ଯଜ୍ଞ କରାଇ ରାଜା ଏକ ଲକ୍ଷ ଗୋଦାନ କରିଥିଲେ । ଯଜ୍ଞସ୍ଥଳରେ ଗୋଖୁରାରେ ଖୋଳି ହୋଇ ଗର୍ତ ସୃଷ୍ଟି ହୋଇଥିବା ବେଳେ ଗୋ ମୂତ୍ର ଜମି ଏହି ପବିତ୍ର ତୀର୍ଥକୁ ବାଟ କଢ଼େଇ ଦେଇଥିଲା । ଏହାର ଅଧୀଶ୍ୱର ହେଉଛନ୍ତି ନୀଳକଣ୍ଠେଶ୍ୱର ମହାଦେବ । ରାଜା ଇନ୍ଦ୍ରଦ୍ୟୁମ୍ନ, ରାଣୀ ଗୁଣ୍ଡିଚାଙ୍କ ମୂର୍ତି ମନ୍ଦିର ଏହି ପୁଷ୍କରିଣୀ କୂଳରେ ବିଦ୍ୟମାନ । ଶ୍ରୀଗୁଣ୍ଡିଚା ମନ୍ଦିର ହେଉଛି ଶ୍ରୀବିଗ୍ରହମାନଙ୍କର ଜନ୍ମବେଦୀ । ଏହିଠାରେ ସୃଷ୍ଟି ହୋଇଥିଲେ ଦାରୁବ୍ରହ୍ମ । ସେହିଠାରୁ ଶ୍ରୀମନ୍ଦିରକୁ ଯାଇ ଲୀଳାଖେଳା କରୁଛନ୍ତି । ହେଲେ ବର୍ଷକରେ ଥରଟିଏ ଏହି ସ୍ଥାନକୁ ଆସି ଜନ୍ମବେଦୀରେ ଦର୍ଶନ ଦିଅନ୍ତି । ଶ୍ରୀଗୁଣ୍ଡିଚା ମନ୍ଦିର ଶରଧା ବାଲିକୁ ଲାଗି ରହିଛି ନାକଚଣା ଦ୍ୱାର । ଏହି ଦ୍ୱାରକୁ ନାକଚଣା ଦ୍ୱାର କହିବା ପଛରେ ଅନେକ ଯୁକ୍ତି ରହିଛି । ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଉପରେ ଗବେଷଣା କରୁଥିବା ଡ.ନରେଶ ଦାଶ କୁହନ୍ତି, ନାକଚଣା ଦ୍ୱାର ନେଇ ଅନେକ କଥା ରହିଛି । ତେବେ ସେଥି ମଧ୍ୟରୁ ଗୋଟିଏ ହେଉଛି, ମହାପ୍ରଭୁଙ୍କ ଜନ୍ମବେଦୀ ନିର୍ମାଣ ପାଇଁ ଶ୍ରୀଗୁଣ୍ଡିଚା ରାଣୀ ତାଙ୍କର ନାକଚଣାକୁ ଦେଇଥିଲେ । ଏହି ଦ୍ୱାର ନିର୍ମାଣ ପାଇଁ ରାଣୀଙ୍କ ନାକଚଣା ବ୍ୟବହାର ହୋଇଥିବାରୁ ତାହାକୁ ନାକଚଣା ଦ୍ୱାର ବୋଲି କୁହାଯାଏ । ଆଉ କେତେକଙ୍କ କହିବା ଅନୁଯାୟୀ ବିବାହ ପରେ ଶ୍ରୀଜଗନ୍ନାଥ ରାଣୀ ରୁକ୍ମିଣୀଙ୍କୁ ଛାଡ଼ି ଚାଲିଯାଆନ୍ତି । ବିରହ ବେଦନାରେ ଛଟପଟ ହେଉଥିବା ରୁକ୍ମିଣୀ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଆନ୍ତି । ନାକଚଣା ଦ୍ୱାରା ନିକଟରେ ପହଂଚିବା ପରେ ମହାପ୍ରଭୁଙ୍କର ଦର୍ଶନ ମିଳେ । ହେଲେ ତତ୍‌କ୍ଷଣାତ ଦ୍ୱାର ବନ୍ଦ ହୋଇଯାଏ । ଏଥିରେ ଅଧିକ କ୍ଷୁବ୍ଧ ହୋଇ ମହାଲକ୍ଷ୍ମୀ ତାଙ୍କର ଆଭୂଷଣକୁ ପକାଇ ଦିଅନ୍ତି । ସେହି ଆଭୂଷଣରୁ ମହାଲକ୍ଷ୍ମୀଙ୍କର ନାକଚଣାଟି ସେହି ଦ୍ୱାରରେ ପଡ଼ିଥିବାରୁ ତାହାକୁ ନାକଚଣା ଦ୍ୱାର ବୋଲି କୁହାଯାଏ । ଏମିତି ଅନେକ କଥା ରହିଥିଲେ ମଧ ଐତିହାସିକ ତଥ୍ୟ ମିଳିନାହିଁ

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩*

## ଶ୍ରୀକ୍ଷେତ୍ରରେ ପବିତ୍ର ଶିଳା

*ଶିଳା ପୂଜା ଭାରତୀୟ ସଂସ୍କୃତିର ଏକ ପ୍ରାଚୀନ ପରମ୍ପରା । ଶାଳଗ୍ରାମ ଶିଳା, ଶିଳାସ୍ତମ୍ଭ ପୂଜା ସାଧାରଣତଃ ଆଚରିତ ହୋଇଥାଏ ସମଗ୍ର ଭାରତ ବର୍ଷରେ । ତେବେ ଶ୍ରୀକ୍ଷେତ୍ରରେ ପ୍ରକାର ଭେଦରେ ଦେଖିବାକୁ ମିଳେ ଚାରୋଟି ଶିଳା । ସେଗୁଡ଼ିକ ହେଲା ଯମଶିଳା, ପିତୃଶିଳା, ମୁକ୍ତିଶିଳା ଓ କୈବଲ୍ୟ ଶିଳା । ଯମ ଶିଳା ଶ୍ରୀମନ୍ଦିର ବାଇଶ ପାହାଚର ଦ୍ୱିତୀୟ ସୋପାନରେ ପ୍ରତିଷ୍ଠିତ । ଭକ୍ତମାନେ ଏହି ଶିଳାକୁ ସ୍ପର୍ଶ କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ ଅକଳା ମୃତ୍ୟୁ ଓ ପାପ ବିନାଶ ହୋଇଥାଏ । ପୁରୀ ସ୍ୱର୍ଗଦ୍ୱାର ରାସ୍ତାରେ ଥିବା ଉଗ୍ରେଶ୍ୱର ମଣ୍ଡପରେ ଦେଖିବାକୁ ପିତୃଶିଳା । ଏହି ଶିଳା ଦର୍ଶନରେ ଦର୍ଶନକାରୀର ପିତା ପିତୃଲୋକରୁ ମୁକ୍ତି ପାଇଥାନ୍ତି । ଶ୍ୱେତଗଙ୍ଗା ପାଖ ଶ୍ୱେତମାଧବଙ୍କ ପଶ୍ଚିମକୁ ବାରାହୀ ଦେବୀଙ୍କ ପୂର୍ବକୁ ଦେଖିବାକୁ ମିଳେ ମୁକ୍ତିଶିଳା । ଏହି ଶିଳା ଏତେ ପବିତ୍ର ଯେ ଏହାର ରେଣୁ ଲେପନ କଲେ ବା ଉକ୍ତ ଶିଳାକୁ ସ୍ପର୍ଶ କରାଇଦେଲେ ଜୀବରୁ ମକ୍ତି ମିଳିଥାଏ । କୈବଲ୍ୟ ଶିଳାକୁ ଯିଏ ସ୍ପର୍ଶ କରନ୍ତି ସିଏ ସାଜୁଯ୍ୟ ମୁକ୍ତି ଲାଭ କରିଥାନ୍ତି ।*






## ଆସିବେ ଘୋଷକୁ ଜଗତନାଥ

ଦେଖେଲୋ ମିତ ଶ୍ରୀକ୍ଷେତ୍ରେ ଯାତ
ଦାଣ୍ଡକୁ ଆସିବେ କମଳାକାନ୍ତ
ସଜାଇ ହୋଇଛି ବଡ ଦେଉଳ
ବାଜିଲାଣି ଦାଣ୍ଡେ ଘଂଟ ମାଦଳ ।।

ଚାହିଁ ରହିଛନ୍ତି ତିନୋଟି ରଥ
ଆସିବେ ଘୋଷକୁ ଜଗତନାଥ
ବସିବେ ରଥର ହୃଦ କନ୍ଦରେ
ସାର୍ଥକ ଲଭିବେ ଶୁଣ ମିତରେ ।।

ଦେଖ ଦେଖ ସେହି ବଡ଼ ଦାଣ୍ଡକୁ
ରଙ୍ଗେ ରଙ୍ଗାଇଛି ନିଜ ଅଙ୍ଗକୁ
ତା ମଥା ଛୁଇଁବେ ବ୍ରହ୍ମାଣ୍ଡନାଥ
ବକ୍ଷରେ ଗଢିବ ତିନୋଟି ରଥ ।।

ଅରୁଣ ସ୍ତମ୍ଭ ସେ କରେ ଗୁହାରି
ମନ୍ଦିର ବେଢାରୁ ଆସ ବାହାରି
ଚାତକ ପରାୟେ ରହିଛି ଚାହିଁ
ଦର୍ଶନ କରିବ ଜଗତସାଇଁ ।।

ଭକ୍ତର ପ୍ରାର୍ଥନା ଶୁଣି ତୁରିତ
ମନ୍ଦିରୁ ଆସିଲେ ଜଗତନାଥ
ଭାଇ ଭଉଣୀକୁ ସଙ୍ଗରେ ନେଇ
ରଥେ ବିଜେ କଲେ କଳା କହ୍ନେଇ ।।

ପତିତ ଜନଙ୍କ ଉଦ୍ଧାର ପାଇଁ
ବରଷକୁ ଥରେ ଆସନ୍ତି ଧାଇଁ
ଚତୁର୍ଦ୍ଧା ମୂରତି କି ମନୋହର
ରଥ ପାଇଁ ବଡ଼ଦାଣ୍ଡ ସୁନ୍ଦର ।।

◆ ହେମନ୍ତ କୁମାର ଗନ୍ତାୟତ
ମୋ : ୯୮୬୧୩୩୪୮୬୮

# ଶରଣ ଶ୍ରୀକ୍ଷେତ୍ର ମାର୍ଦ୍ଦା

◆ କାଳୀ ଦାସ




ଓଡ଼ିଶା ଗଞ୍ଜାମ ଜିଲ୍ଲାର ସର୍ବ ପୁରାତନ ଐତିହାସିକ ସ୍ଥାନ ଶରଣ ଶ୍ରୀକ୍ଷେତ୍ର । ୨୮୨ ବର୍ଷ ପୂର୍ବେ ମାର୍ଦ୍ଦା କୁ ପୁରୀ ସ୍ଥିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା, ଏହି ତିନି ବିଗ୍ରହଙ୍କୁ ସ୍ଥାନାନ୍ତରିତ କରା ଯାଇଥିଲା । ୧୭ ଶହ ଶତାବ୍ଦୀ ରେ ଓଡ଼ିଶା ରେ ମୋଗଲ ସାମ୍ରାଜ୍ୟ ତାର କାୟା ବିସ୍ତାର କରିଥିଲା.ଓଡ଼ିଶାର ଇଷ୍ଟ ଦେବତା ଜଗନ୍ନାଥଙ୍କ ନୀତି କାନ୍ତି ଉପରେ କଟକଣା ବା ପରିବର୍ତନ ହେବାର ଭୟ ଜଗନ୍ନାଥଙ୍କ ସେବକଙ୍କୁ ହୋଇ ଥିଲା ତେଣୁ ସେହି ସମୟର ରାଜା ରାମଚନ୍ଦ୍ର ଦେବ ଏବଂ ତତ୍କାଳୀନ ପୁରୀ ଜଗନ୍ନାଥ ମନ୍ଦିରର କିଛି ସେବକ ମିଶି ଜଗନ୍ନାଥଙ୍କୁ ସ୍ଥାନାନ୍ତରିତ କରିଥିଲେ ।ତତ୍କାଳୀନ ଆଠଗଡ଼ର ରାଜା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଏହି ତିନି ବିଗ୍ରହଙ୍କୁ ଲୋକ ଲୋଚନ ରୁ ଦୁର ରେ ମାର୍ଦ୍ଦା କୁ ନେଇ ଆସି ଲୁଚାଇଥିଲେ । ଚଢ଼େଇ ବୁଦା ପାହାଡ,ଚିଲିକା ଭିତର, ଚପଳି ହାତୀ ବଣ କୁଜଙ୍ଗ ଗଡ ଆଦି ସ୍ଥାନ ଦେଇ ମହାପ୍ରଭୁ ଜଗନ୍ନାଥଙ୍କୁ ନିଆଯାଇଥିଲା । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପାଇଁ ସେଠାରେ ଏକ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ମାର୍ଦ୍ଦା ନିକଟସ୍ଥ ମଥୁରା ଗ୍ରାମ ରୁ ମହାରଣାଙ୍କୁ ଆଠଗଡ଼ ରାଜା ନିଯୁକ୍ତି କରିଥିଲେ ସେହି ମନ୍ଦିର ନିର୍ମାଣ କରିବା ପାଇଁ ମାର୍ଦ୍ଦା ରେ ଏହି ତିନି ଠାକୁର ପ୍ରାୟେ ୨୮ ମାସ ରହିଥିଲେ । ସେହି ସ୍ମୃତି କୁ ଆଜି ମଧ ମାର୍ଦ୍ଦା ଧରି ରଖିଛି ।ତିନି ବିଗ୍ରହ ପୁରୀ ଫେରି ଗଲା ପରେ ମଧ ସେହି ରିକ୍ତ ସ୍ଥାନ କୁ ଅନ୍ୟ ବିଗ୍ରହ ଦ୍ୱାରା ପୁରଣ କରାଯାଇନାହିଁ ।ଯେଉଁ ଆସନ ରେ ତିନି ବିଗ୍ରହ ବସିଥିଲେ ସେହି ଆସନ କୁ ପୂଜା କରାଯାଉଛି । ଲୋକ ଲୋଚନ ରୁ ଲୁଚାଇ ଏହି ତିନି ବିଗ୍ରହଙ୍କୁ ମାର୍ଦ୍ଦା ଯାଏଁ ନିଆ ଯାଇଥିଲା ।ତତ୍କାଳୀନ ଆଠଗଡ଼ ରାଜା ଜଗନ୍ନାଥ ହରିଚନ୍ଦନ ଜଗଦେବ ଏହି ପଦକ୍ଷେପ ନେବାର ସାହାସ କରିପାରିଥିଲେ । ଜଗନ୍ନାଥଙ୍କ ସୁରକ୍ଷା ପାଇଁ ୩୦୦ ପାଇକଙ୍କୁ ସିଏ ରାତି ଦିନ ଲଗାଇଥିଲେ । ମୋଗଲ ସମ୍ରାଟଙ୍କ ଶକ୍ତି ଆଠଗଡ଼ ରାଜାଙ୍କୁ ଡରାଇ ପାରି ନଥିଲା ।ଜଗନ୍ନାଥଙ୍କ ଅନ୍ୱେଷଣ ରେ ଅହରହ ଗୁପ୍ତଚର ବୁଲୁଥିବା ବେଳେ ଆଠଗଡ଼ ରାଜା ଜଗନ୍ନାଥଙ୍କୁ ଗୋପନୀୟ ଭାବ ରେ ରଖିବା ପାଇଁ ସମର୍ଥ ହୋଇଥିଲେ ।ଏହି ସମୟ ରେ ପୁରୀ ରେ ଜଗନ୍ନାଥଙ୍କ ନିତିକାନ୍ତି ବନ୍ଦ ରହିଥିଲା ଏବଂ ରଥଯାତ୍ରା ମଧ ହେଉନଥିଲା । ଆଜି ଯେତେବେଳେ ସମଗ୍ର ବିଶ୍ୱ ରେ ମହାଆଡମ୍ବର ରେ ମହାପ୍ରଭୁଙ୍କ ରଥ ଯାତ୍ରା ପାଳନ କରାଯାଇଛି ସେତେବେଳେ ମାର୍ଦ୍ଦା ରେ ନୀରବ ରେ ଜଗନ୍ନାଥଙ୍କ ପୂଜା ଅର୍ଚ୍ଚନା ହେଉଛି ।ଏହି ନିରବତା ସେହି ଦିନର ନିରବତା କୁ ମନେ ପକାଉଛି । ମାର୍ଦ୍ଦା ରେ ଜଗନ୍ନାଥ ଯେହେତୁ ଗୋପନୀୟ ଭାବ ରେ ରହୁଥିଲେ ତେଣୁ କୌଣସି ପ୍ରକାର ଉତ୍ସବ କରାଯାଇ ନଥିଲା ।ଆମ ଭିତରୁ ଅନେକ ବୋଧ ହୁଏ ଜାଣି ନଥିବେ ଯେ ଶରଣ ଶ୍ରୀ କ୍ଷେତ୍ର ବୋଲି ଗୋଟିଏ ଜାଗା ରହିଛି ।ଓଡ଼ିଶା ସରକାର ଏବଂ ଟୁରିଜମ ବିଭାଗ ଚାହିଁଲେ ଓଡ଼ିଶାର ଏହି ଇତିହାସ କୁ ଜନଲୋଚନ କୁ ଆଣି ପାରିବେ । ଆଜି ଶରଣ ଶ୍ରୀ କ୍ଷେତ୍ର ଅବହେଳିତ ।ସମୟର ସୁଅ ରେ ଶରଣ ଶ୍ରୀକ୍ଷେତ୍ର ନା ହଜିଯିବା କଥା ।

*ବ୍ରହ୍ମପୁର, ଖୋଡାସିଙ୍ଗି*
*କଳିଙ୍ଗନଗର,*
*ମୋ -୭୨୦୫୧୦୦୮୩୯.*

# ନେତ୍ର ଉତ୍ସବ



ମହାପ୍ରଭୁ ବଡ଼ଭାଇ ଓ ଭଉଣୀଙ୍କ ସହ ଜ୍ୱରରେ କମ୍ପି ଅଣସର ଘରେ ଥିଲେ । ଅଲରାନାଥଙ୍କୁ ଭକ୍ତମାନେ ଦର୍ଶନ କରି ଆଶୀର୍ବାଦ ପ୍ରାପ୍ତ ହେଉଥିଲେ । ସେପଟେ ମାଉସୀମାଆ ପୋଡ଼ପିଠାର ଆୟୋଜନ କରି ଚାହିଁ ବସିଛନ୍ତି ଜଗାବଳିଆ ଓ ସୁଭଦ୍ରାଙ୍କୁ । କୋଟି କୋଟି ଭକ୍ତମାନେ ଅପେକ୍ଷମାଣ କେତେବେଳେ କାଳିଆ ସାଆନ୍ତ ସୁସଜ୍ଜିତ ରଥରେ ବିରାଜମାନ ହେବେ ବଡ଼ଭାଇ ଓ ଭଉଣୀଙ୍କ ସହ । ନେତ୍ରୋତ୍ସବ ସମ୍ପର୍କରେ ଅନେକ ଆଧ୍ୟାତ୍ମିକ ତଥ୍ୟ ରହିଛି । ଆସନ୍ତୁ ଆଜି ଛୋଟିଆ ଆଲୋଚନାଟିଏ ରଖିବା ନେତ୍ରୋତ୍ସବ ସମ୍ପର୍କରେ । ଅନବସର ଶେଷରେ ଅନୁଷ୍ଠିତ ହୁଏ ନେତ୍ରୋତ୍ସବ । ଆଷାଢ଼ ମାସ ଅମାବାସ୍ୟା କିମ୍ବା ଶୁକ୍ଳ ପକ୍ଷ ପ୍ରତିପଦ ତିଥିରେ ସଂଯୁକ୍ତ ହୋଇ ପାଳନ ହୋଇଥାଏ ଏହି ନେତ୍ରୋତ୍ସବ । ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ପରିକଳ୍ପନା ମୂଳରେ ରହିଛି ଅନେକ ତାତ୍ପର୍ଯ୍ୟ । ତେବେ କେବଳ ଏତିକି କୁହାଯାଇପାରେ ଅନବସର ଜନିତ ଅସୁସ୍ଥତା ପରେ ଏହି ଦିନ ଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ଏହି ନେତ୍ରୋତ୍ସବର ବିଧି ଅନେକ । ପୂର୍ବ ସନ୍ଧ୍ୟାରେ ଶ୍ରୀଜୀଉଙ୍କ ବନକଲାଗିରେ ଦତ ମହାପାତ୍ର ଡୋଳା ସମ୍ଭବ କରିଥିଲେ ହେଁ ନେତ୍ର ପିତୁଳା କରିନଥାନ୍ତି । ନେତ୍ରୋତ୍ସବ ବନ୍ଦାପନା ପରେ ପାଳିଆ ପଣ୍ଡା ଅଷ୍ଟଦଳ ପଦ୍ମ, ପଂଚ ମୁରୁଜ ପକାଇ ଘଟ ସ୍ଥାପନ ସହ ଦର୍ପଣରେ ସ୍ନାନ କରାନ୍ତି । ଶ୍ରୀଜୀଉଙ୍କ ନେତ୍ରରେ ଚନ୍ଦ୍ର, ସୂର୍ଯ୍ୟ ନାଶାରେ ମଙ୍ଗଳ, ଭ୍ରୂଲତାରେ ଧନୁବୁଦ୍ଧ କପାଳରେ ପଦ୍ମ ଆକାରରେ ବୃହସ୍ପତି, ଶୀର ପ୍ରାନ୍ତରେ ଶୁକ୍ର ଓ ସମଗ୍ର ଶରୀରରେ ଶନିଙ୍କର କଳ୍ପନା କରାଯାଇଛି । ନୂତନ ବସ୍ତ୍ରରେ ଶରୀର ପୋଛି କଳସ ଧରି ଆପଦିଷ୍ଟୋ ମନ୍ତ୍ରରେ ତିନିବାର ଜଳ ସିଂଚନ ଓ ପୁରୁଷ ସୁକ୍ତ ପାଠ କରାଯାଇଥାଏ । ପତି ପୁଷ୍ପାଳକ ଚନ୍ଦନ ଲାଗି କରନ୍ତି । ଶୁଦ୍ଧ କଳାରେ ଡୋଳା ଦୁଇଟିର ଆକୃଷ୍ଟେନ ମନ୍ତ୍ରରେ ଡୋଳା ପିତୁଳା ଲେଖିବା ପରେ ପୁଷ୍ପ ବେଶ ହୁଏ । ଏହାପରେ ଧୂପ ଅନୁଷ୍ଠିତ ହେବା ପରେ ତିନିବାଡ଼ର ପୂଜାପଣ୍ଡା ଆଜ୍ଞାମାଳ ନେଇ ତିନିରଥରେ ଲାଗି କରିବା ପରେ ରଥ ଖଳାରୁ ରଥ ସିଂହଦ୍ୱାର ନିକଟକୁ ଆସିଥାଏ ନେତ୍ରୋତ୍ସବ ଆମ ଆଧ୍ୟାତ୍ମିକ ଜନଜୀବନର ଉତ୍ସବ ନିଶ୍ଚୟ । ଆମ୍ଭ ମାନଙ୍କ ଜୀବନ ଦିବ୍ୟମୟ ଓ କର୍ମମୟ ହେଉ ଏହା ହିଁ ପ୍ରାର୍ଥନା ।





# ୪ ଜଣ ଗିରଫ ପରେ ପ୍ରତ୍ୟାହାର ହେଲା ବସ୍ କର୍ମଚାରୀ ସଂଘର ଦାବି

ଉଦଳା : (ନିପ୍ର) ଉଦଳା ବସ କର୍ମଚାରୀ ସଂଘ ତରଫରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବସ ଚଳାଚଳ ବନ୍ଦକୁ ପ୍ରତ୍ୟାହାର କରାଯାଇଅଛି । ଘଟଣାରୁ ଜଣାପଡିଛି ଯେ ,ଶୁକ୍ରବାର ଦିନ ଅପରାହ୍ନ ସମୟରେ ଭୁବନେଶ୍ୱରରୁ ଉଦଳା ଆସୁଥିବା ରାଜା ବାବୁ ବସର କଣ୍ଡକ୍ଟର ରବିନ୍ଦ୍ର ପରିଛାଙ୍କୁ ଉଦଳା ଥାନା ଛକରେ ଚାରି ଜଣ ହଠାତ ମରଣାନ୍ତକ ଆକ୍ରମଣ କରିବା ଯୋଗୁଁ କଣ୍ଡକ୍ଟର ଗୁରୁତର ହୋଇ ଥାନାରେ ଏତଲା ଦେଇ ଥିଲେ । ଏହି ଏତଲା ଆଧାରରେ ପୋଲିସ ଗିରଫ କରିବାର ବିଳମ୍ବ ହେବା ଯୋଗୁଁ ଗତକାଲି ବସ କର୍ମଚାରୀ ସଂଘର ସଭାପତି ଗୌରି ଶଙ୍କର ବେହେରା ଓ ସଂପାଦକ ହରିଶ୍ଚନ୍ଦ୍ର ଦାସ ସାମ୍ବାଦିକ ସମ୍ମିଳନୀରେ ଗଣ୍ଡଗୋଳ କରିଥିବା ୪ଜଣଙ୍କୁ ଗିରଫ ନହେବା ପର୍ଯ୍ୟନ୍ତ କର୍ମଚାରୀମାନେ କୌଣସି ବସରେ କାର୍ଯ କରିବେ ନାହିଁ ଏବଂ ଯେତେ ଦିନ ପର୍ଯ୍ୟନ୍ତ ସେମାନେ ଗିରଫ ନହୋଇ ଅଛନ୍ତି ଆନ୍ଦୋଳନ ଚାଲୁ ରହିବ ବୋଲି ଦୃଢ଼ ନିଷ୍ପତି ନେଇ ଥିଲେ । ଏହାକୁ ଉଦଳା ବସ ମାଲିକ ସଂଘ ସମର୍ଥନ କରିଥିଲା । ପୋଲିସ ଗତକାଲି ରାତିରେ ୪ ଜଣ ଆସାମୀ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରି ଅଛନ୍ତି । ଉଦଳା ରୁଟରେ ସମସ୍ତ ବସ ଚଳାଚଳ ସ୍ୱାଭାବିକ ଭାବେ କରିବ ଏବଂ ଦାବି ପ୍ରତ୍ୟାହାର ହେଲା ବୋଲି ଉଦଳା ଥାନା ଅଧିକାରୀ ବନମାଳୀ ବାରିକଙ୍କୁ ତତସହ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ବସ କର୍ମଚାରୀ ସଂଘ ତରଫରୁ ସୂଚନା ଦିଆଯାଇଛି । ବସ କଣ୍ଡକ୍ଟରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ୪ ଜଣ ହେଲେ ଅବିନାଶ ବାଛିନି, ଅଭିଷେକ ବାଛିନି, ବିଭାବାସୁ ନନ୍ଦ ଏବଂ ଏହସାନ ଆନସାରୀ । ଏମାନଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ଅନୁସାରେ ୧୨୬ (୨), ୨୯୬,୧୧୫(୨) ,୧୧୭ (୨) , ୧୦୯(୧), ୩୫୧ (୨) ଓ ୩(୫) ଦଫାରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ଘର ଛାତରୁ ପଡ଼ି ମହିଳାଙ୍କ ମୃତ୍ୟୁ

ଜୟପୁର : (ହି.ସ.) - ଘର ଛାତରୁ ପଡି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତ ମହିଳା ଜଣକ ହେଉଛନ୍ତି ପାୱାର ହାଉସ ୪ ର୍ଥ ଲାଇନର ସୋରଜିନି ମାର୍ଥା (୪୯) । ସୂଚନା ଅନୁଯାଇ ଜୟପୁର ପାଓାର ହାଉସ ୪ ର୍ଥ ଲାଇନର ସୋରଜିନି ମାର୍ଥା ଘର ପ୍ରଥମ ମହଲା ରୁ ପଡି ଗୁରୁତର ହୋଇ ପଡିଥିଲେ । ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଭର୍ତି କରିଥିଲେ ସେଠାକେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ଜୟପୁର ଟାଉନ ରେ ମୃତ ମହିଳା ପରିବାର ତରଫରୁ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତି କରି ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ବନ ମହୋତ୍ସବ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାଲିଆପାଳ : (ନିପ୍ର) ଲାୟନ୍ସ କ୍ଲବ ବାଲିଆପାଳ ପକ୍ଷରୁ ଗତ ୨ ତାରିଖ ଠାରୁ ଲଗାତର ଭାବେ ୧୦ ଦିନ ବ୍ୟାପୀ ଚାଲିଥିବା ବନ ମହୋତ୍ସବ କାର୍ଯ୍ୟକ୍ରମ ୧୨ ତାରିଖ ରବିବାର ଉଦଯାପିତ ହୋଇଯାଇଛି । କ୍ଲବର ୨୦୨୬-୨୭ ବର୍ଷ ପାଇଁ ନୂତନ ସଭାପତି ଲାୟନ ବ୍ୟୋମକେଶ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବନ ମହୋତ୍ସବ କାର୍ଯ୍ୟକ୍ରମ ଗତ ଜୁଲାଇ ୨ ତାରିଖରେ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ଫୁଲ ଫଳ ଗଛ ଲଗାଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା । ପର୍ଯ୍ୟାୟ କ୍ରମେ ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଏହି ବୃକ୍ଷ ରୂପଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇ



୧୨ ତାରିଖ ରବିବାର ବାଲିଆପାଳ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଗଛ ଲଗାଇ ବନ ମହୋତ୍ସବ କାର୍ଯ୍ୟକ୍ରମକୁ ଉଦଯାପିତ କରାଯାଇଥିଲା । କ୍ଲବର ସମ୍ପାଦକ ଲାୟନ ଗୟାରାମ ଗଙ୍ଗାଇ,ଉପସଭାପତି ଲାୟନ ଡ଼ଃ ସୁଶାନ୍ତ ଦାସ,କୋଷାଧ୍ୟକ୍ଷ ଭୁବନ ମୋହନ ପିଡ଼ା, ନୂତନ ଭାବେ ଡିଜି ଟିମକୁ ନିର୍ବାଚିତ ହୋଇଥିବା ରିଜନ ଚେୟାର ପର୍ସନ (ଆରସି)ଲାୟନ ଅଜୟ କୁମାର ସାହୁ,ଲାୟନ ତରୁଣ କୁମାର ମହାପାତ୍ର,କ୍ଲବର ବରିଷ୍ଠ ସଦସ୍ୟ ଲାୟନ ଝାଡେଶ୍ୱର ପ୍ରଧାନ,ଲାୟନ ନବୀନ କୁମାର ପାତ୍ର,ଲାୟନ ଗୋପାଳ ଚନ୍ଦ୍ର ଜେନା,ଲାୟନ ସଞ୍ଜୟ କୁମାର ଜେନା,ଲାୟନ ଗୋବିନ୍ଦ ପ୍ରସାଦ ଦାସ,ଲାୟନ ଜାମିନିକାନ୍ତ ରାଉତ,ଲାୟନ ସୁନୀଲ କୁମାର ସି,ଲାୟନ ଅମିତ କୁମାର ପଟନାୟକ,ଲାୟନ ଡ଼ଃ ସୁରେଶ ପ୍ରଧାନ,ଲାୟନ ଇଂ ଦାମୋଦର ଗିରି ପ୍ରମୁଖ ପ୍ରତିଦିନ କାର୍ଯ୍ୟକ୍ରମରେ ଯୋଗଦେଇ ଗଛ ଲଗାଇ ବନ ମହୋତ୍ସବ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ । ଲାୟନ୍ସ କ୍ଲବ ପକ୍ଷରୁ ପ୍ରତି ବର୍ଷ ଜୁଲାଇ ମାସରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଭାବରେ ପାଳନ କରି ବୃକ୍ଷ ରୋପଣକୁ ବ୍ୟାପକ କରାଯାଇଥାଏ ବୋଲି ଆରସି ଲାୟନ ଶ୍ରୀ ସାହୁ କହିଥିଲେ । ଏହି ଅବସରରେ କ୍ଲବର ସଦସ୍ୟ ମାନେ ପ୍ରତିଦିନ ବିଭିନ୍ନ ବିଦ୍ୟାଳୟ, ଘରୋଇ ଅନୁଷ୍ଠାନ, ଛକ, ବଜାର ଓ ହାଟ ମାନଙ୍କରେ ଶତାଧିକ ବୃକ୍ଷ ରୋପଣ କରି ପ୍ରତ୍ୟେକ ବ୍ୟକ୍ତି ଅତି କମରେ ଗୋଟିଏ ଗଛ ଲଗାଇ ତାର ରକ୍ଷଣାବେକ୍ଷଣ କରିବା ଜରୁରୀ ବୋଲି ଜନ ସାଧାରଣଙ୍କୁ ବୁଝାଇ ଥିଲେ ।

# ବଲାଙ୍ଗିର ଜିଲ୍ଲାସ୍ତରୀୟ ପ୍ରଶ୍ନୋତର ପ୍ରତିଯୋଗିତା : ଚିତ୍ରାଙ୍କନରେ-ସ୍ୱୀକୃତି ଓ ପ୍ରଶ୍ନୋତରରେ-ଆୟୁଷ ପ୍ରଥମ

ବଲାଙ୍ଗିର : (ହି.ସ.)- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଅବସରରେ 'ଲୋକସେବକ ମଣ୍ଡଳ' ଓ ଦୈନିକ ଶତାୟୁ ଖବରକାଗଜ 'ସମାଜ' ପକ୍ଷରୁ ବଲାଙ୍ଗିର ଜିଲା ସାମ୍ବାଦିକ ଭବନରେ ଜିଲାସ୍ତରୀୟ ପ୍ରଶ୍ନୋତର ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି ଓ ପ୍ରତିଯୋଗୀତାରେ ଜିଲାର ବଲାଙ୍ଗିର, ପୁଇଁନ୍ତଲା, ଲୋଇସିଂହା, ଆଗଲପୁର, ଦେଓଗାଁ, ଗୁଡଭେଲା, ସଇଁନ୍ତଲା, ଟିଟିଲାଗଡ଼, ପାଟଣାଗଡ, ବେଲପଡ଼ା, ତୁରେକେଲା ଓ ଖପ୍ରାଖୋଲ ବ୍ଲକରୁ ଗତ ୫ ତାରିଖ ଅନୁଷ୍ଠିତ ହୋଇଥିବା ବ୍ଲକସ୍ତରୀୟ ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ ଓ ଜିଲ୍ଲାସ୍ତରୀୟ ପ୍ରଶ୍ନୋତର ପ୍ରତିଯୋଗିତାରେ ଖପ୍ରାଖୋଲ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ଆୟୁଷ କୁମାର କାଳସାଏ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଓ ସେହିପରି ବଲାଙ୍ଗିର କଡମପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଅର୍ପିତା ପ୍ରିୟଦର୍ଶିନୀ ମିଶ୍ର ଦ୍ୱିତୀୟ ଓ ଲୋଇସିଂହା ବ୍ଲକ ହୀରାପୁର ରାଧାକୃଷ୍ଣ ହାଇସ୍କୁଲ ଛାତ୍ରୀ ଜୟାରାଣୀ ନାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ ଓ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ବଲାଙ୍ଗିର କେନ୍ଦ୍ରୀୟ ବିଦ୍ୟାଳୟ-୨ ଛାତ୍ରୀ ସ୍ୱୀକୃତି ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ ଓ ପାଟଣାଗଡ ଲାୟନ୍ସ ଭୋକେସନାଲ ସ୍କୁଲ ଛାତ୍ରୀ ପ୍ରତିଜ୍ଞା ସାହୁ ଦ୍ୱିତୀୟ ଓ ଦେଓଗାଁ ବ୍ଲକ ଜରାସିଂହା ପବ୍ଲିକ ସ୍କୁଲ ଛାତ୍ରୀ ଖୁଶି ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ ଓ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ପ୍ରଶ୍ନୋତର ପ୍ରତିଯୋଗୀତାର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା ଓ ଚିତ୍ରାଙ୍କନ ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ସ୍ୱୀକୃତି ମିଶ୍ରଙ୍କ ଚିତ୍ରାଙ୍କନ ପୂର୍ବରୁ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ ପାଇଁ କଟକ ' ମୁଖ୍ୟ କାର୍ଯ୍ୟାଳୟକୁ ପଠା ଯାଇଥିଲା ଓ ଜିଲ୍ଲାସ୍ତରୀୟ ପ୍ରଶ୍ନୋତର କାର୍ଯ୍ୟକ୍ରମରେ ପ୍ରଥମ ହୋଇଥିବା ଆୟୁଷ ଆସନ୍ତା ୧୪ରେ କଟକ ବକ୍ସିବଜାର ସ୍ଥିତ ଗୋପବନ୍ଧୁ ଭବନ ସମାଜ କାର୍ଯ୍ୟାଳୟରେ ପୂର୍ବାହ୍ଣ ୧୦ଟାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ଓ ବଲାଙ୍ଗିର 'ସମାଜ' ଜିଲା ପ୍ରତିନିଧି ବଳରାମ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଶ୍ନୋତର ପ୍ରତିଯୋଗିତାରେ ଅଧ୍ୟାପକ ଜୟକୁମାର ଆଚାର୍ଯ୍ୟ, ଅବସରପ୍ରାପ୍ତ ସୋନପୁର କଲେଜ ଅଧ୍ୟକ୍ଷ ପ୍ରଫେସର ତରୁଣ କୁମାର ମିଶ୍ର, ଅଧ୍ୟାପକ ତଥା ବରିଷ୍ଠ ସାମ୍ବାଦିକ ସନ୍ଦୀପ କୁମାର କୁଅଁର ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗୀଙ୍କ ପରୀକ୍ଷା ଖାତା ମୂଲ୍ୟାୟନ କରିଥିଲେ ଓ ଶିକ୍ଷାବିତ ମନୋରଞ୍ଜନ ସାହୁ, ଶିକ୍ଷକ ରଞ୍ଜିତ ମିଶ୍ର ପ୍ରମୁଖ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି ମୁଖ୍ୟ ଅତିଥି, ବରିଷ୍ଠ ଚିତ୍ରଶିଳ୍ପୀ ବାସୁଦେବ ମେହେର ସମ୍ମାନିତ ଅତିଥି ଓ ପ୍ରଫେସର ମିଶ୍ର, ଅଧ୍ୟାପକ ଶ୍ରୀ ଆଚାର୍ଯ୍ୟ, ଶିକ୍ଷାବିତ ଶ୍ରୀ ସାହୁ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ପ୍ରଶ୍ନୋତର ଓ ଚିତ୍ରାଙ୍କନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ଓ ବଲାଙ୍ଗିର ସମାଜ କାର୍ଯ୍ୟାଳୟ ବରିଷ୍ଠ ବିଜ୍ଞାପନ ନିର୍ବାହୀ (ବି.ଡି. ଇ) ରଶ୍ମି ରଞ୍ଜନ ପଟ୍ଟନାୟକ, ବିଜ୍ଞାପନ ନିର୍ବାହୀ ଦେବାଶିଷ ମିଶ୍ର, ଆଗଲପୁର ବ୍ଲକ ପ୍ରତିନିଧି ଡାକ୍ତର ପୁଟେଲ, ଲୋଇସିଂହା ବ୍ଲକ ପ୍ରତିନିଧି ସାରଙ୍ଗ ଭୋଇ, ଦେଓଗାଁ ବ୍ଲକ ପ୍ରତିନିଧି ଖଗେଶ୍ୱର ମେର୍ଲି, ଅଫିସ ସହାୟକ ସରୋଜ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ଶିକ୍ଷକ ରଞ୍ଜିତ ମିଶ୍ର,ବରିଷ୍ଠ ସାମ୍ବାଦିକ ରଞ୍ଜିତ ବେହେରା, ସାମ୍ବାଦିକ ଦୀପକ ପୁରୋହିତ, ଆଲୋକ ମିଶ୍ର, ଗୁପ୍ତେଶ୍ୱର ତୃଷ୍ଟି ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ ଓ ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ପାଇଁ ଲୋକସେବକ ମଣ୍ଡଳ ଓ 'ସମାଜ' ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଅତିଥି ଓ ଅଭିଭାବକମାନେ ପ୍ରଶଂସା କରିଥିଲେ ଓ ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ପୂଣ୍ୟାତ୍ମା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରଯାଇଥିଲା ।

# ଗାବାନା କଳା କେନ୍ଦ୍ର ପକ୍ଷରୁ 'ସମ୍ବଲପୁରୀ ଭଏସ ଅଫ୍ ଓଡ଼ିଶା' ଉଦ୍‌ଘାଟିତ

ସମ୍ବଲପୁର : (ହି.ସ.)- ସମ୍ବଲପୁରର ଅଗ୍ରଣୀ ସାରସ୍ୱତ ସାଂସ୍କୃତିକ ଅନୁଷ୍ଠାନ ' ଗାବାନା କଳା କେନ୍ଦ୍ର ପକ୍ଷରୁ ' ସମ୍ବଲପୁର ଭଏସ ଅଫ ଓଡିଶା ' ଉଦଘାଟିତ ହୋଇଯାଇଛି । ସମ୍ବଲପୁରୀ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ସହ ସମ୍ବଲପୁରୀ ଲୋକ ସଂଗୀତର ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଗାବାନା କଳା କେନ୍ଦ୍ରର ଏହି ବିଶେଷ ପ୍ରୟାସ କରାଯାଇଛି । ସମ୍ବଲପୁରର ଓଡିଶା ସାଂସ୍କୃତିକ ସମାଜ ସଭାଗୃହ ଠାରେ ଆୟୋଜିତ ହୋଇଥିବା ଏହି 'ସମ୍ବଲପୁରୀ ଭଏସ ଅଫ ଓଡିଶା' କାର୍ଯ୍ୟକ୍ରମରେ ସମ୍ବଲପୁରୀ ଗୀତର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ଼. କ୍ରିଷ୍ଣା ପଟେଲ, ବିଭୁତି ଭୂଷଣ ପଟ୍ଟନାୟକ ଓ ଚିତ ରଞ୍ଜନ ବେହେରା ପ୍ରମୁଖ ବିଚାରକ ଭାବେ ଯୋଗ ଦେବାସହ ଇଷ୍ଟଦେବୀ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା ସହ ବିଶେଷ ଅତିଥି ଭାବରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ବସନ୍ତ ମିଶ୍ରଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଭବତୋଷ ବିଶି ଓ ମାନସ କୁମାର ଷଡ଼ଙ୍ଗୀ । କାର୍ଯ୍ୟକ୍ରମର ଆବାହକ ମିନାକ୍ଷୀ ମିଶ୍ର ଓ ଉପଦେଷ୍ଟା ପ୍ରମୋଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଖାଂଟି ସମ୍ବଲପୁରୀ କଣ୍ଠ ସଂଗୀତ ପ୍ରତିଯୋଗିତାରେ ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ଭୁବନେଶ୍ୱର, ବଲାଙ୍ଗୀରରୁ ୫୦ ରୁ ଉର୍ଦ୍ଧ ପ୍ରତିଯୋଗୀ ଯୋଗ ଦେଇଥିଲେ । ଏହି ଖାଂଟି ସମ୍ବଲପୁରୀ କଣ୍ଠ ସଂଗୀତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଆସନ୍ତା ଜୁଲାଇ ୧୪ ତାରିଖ ଦିନ ଝାଡୁଆପଡା ସ୍ଥିତ ଅରଣ୍ୟକ ମଂଚ ଠାରେ ଆୟୋଜିତ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସମ୍ପାଦକ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ଗାବାନା କଳାକେନ୍ଦ୍ର ପକ୍ଷରୁ ଆୟୋଜିତ ' ସମ୍ବଲପୁରୀ ଭଏସ ଅଫ ଓଡିଶା ' କାର୍ଯ୍ୟକ୍ରମର ବାଦ୍ୟଯନ୍ତ୍ରରେ ସହଯୋଗୀତା କରିଥିଲେ ଦେବାଶିଷ ପାଢ଼ୀ, ସୁବାଷ ଭୋଇ, ପ୍ରମୋଦ ନାୟକ, ସାନ କୁମାର ଓ ରଂଜିତ ସାହୁ ପ୍ରମୁଖ

# ବନ ମହୋତ୍ସବ ଅବସରରେ ବୃକ୍ଷରୋପଣ

ଜୟପୁର : (ହି.ସ.)- ବନ ମହୋତ୍ସବ ଅବସରରେ ଜୟପୁର ସିଟି ହାଇସ୍କୁଲର ଇକୋ କ୍ଲବ ଓ ଏନର୍ଜି କ୍ଲବର ଛାତ୍ରଛାତ୍ରୀମାନେ ଜୟପୁର ବ୍ଲକର ପୁଟ୍ରାଗୁଡା ଗ୍ରାମରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସ୍ୱେଚ୍ଛାସେବୀ ସଂଗଠନ ସିୱ୍ୱା ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ମାନେ ନିମ୍ବ, ଆତ, କରଞ୍ଜ, କୃଷ୍ଣଚୂଡ଼ା, ଜାମୁ କୋଳି, ପଣସ ଆଦି ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ । ସିୱ୍ୱାର ସଦସ୍ୟମାନଙ୍କ ସହ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ବୃକ୍ଷରୋପଣ କରିବା ସହ ଏହାର ସୁରକ୍ଷା ଓ ଯତ୍ନ ନେବା ପାଇଁ ଶପଥ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଇକୋ କ୍ଲବ ଓ ଶିକ୍ଷକ ପ୍ରତାପ କୁମାର ପଟ୍ଟନାୟକ ଏବଂଏନର୍ଜି କ୍ଲବର ପ୍ରଭାରୀ ଶିକ୍ଷୟିତ୍ରୀ ବନ୍ଦିତା ପାଣିଗ୍ରାହୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା, ଶକ୍ତି ସଂଚୟ ଏବଂ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ସଚେତନ କରିଥିଲେ । ଶେଷରେ ସମସ୍ତେ ଅଧିକରୁ ଅଧିକ ବୃକ୍ଷରୋପଣ କରି ସବୁଜ, ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ ସହ ଶକ୍ତି ସଂଚୟ ପ୍ରତି ସଚେତନ ରହିବାକୁ ସଂକଳ୍ପ ନେଇଥିଲେ ।

# ବରିଷ୍ଠ ନାଗରିକଙ୍କ ପାଇଁ ବିନୋଦନ କେନ୍ଦ୍ରର ଭୂମିପୂଜନ

ଭଦ୍ରକ : (ହି.ସ.) - ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ଦ୍ୱାରା ଆୟୋଜିତ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକ ମାନଙ୍କ ପାଇଁ ବରିଷ୍ଠ ବିନୋଦନ କେନ୍ଦ୍ର, ଡଗମୁଣ୍ଡ, ବାଗୁରାଇ ୱାର୍ଡ ନଂ ୮ ନିକଟ ଭଦ୍ରକ ଆନନ୍ଦପୁର ରାଜ୍ୟ ରାଜପଥ ପାର୍ଶ୍ୱରେ ମହାନଦୀ କୋଲ ଫିଲଡ଼ ଲିମିଟେଡ଼ (ଏମସିଏଲ) ଆର୍ଥିକ ସହାୟତା ରେ ଏକ ନବନିର୍ମିତ ବିନୋଦନ କେନ୍ଦ୍ରର ଶୁଭ ଭୂମିପୂଜନ କାର୍ଯ୍ୟକ୍ରମ ଓ ସାଧାରଣ ସଭା ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି ଓ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଉପସ୍ଥିତ ଅତିଥି ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭଦ୍ରକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଡ଼ଃ ଦିଲୀପ ରାଉତରାଏ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ଦ୍ୱାରା ସଭା ଓ ଭୂମିପୂଜନ କରାଯାଇଥିଲା । ଉକ୍ତ ବିନୋଦନ କେନ୍ଦ୍ର ନିର୍ମାଣ ପାଇଁ ଆବଶ୍ୟକୀୟ ଡ଼ି. ପି. ଆର. ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ସାଧାରଣ ପରିଚାଳକ ଏମ. ସି. ଏଲ. ବୁର୍ଲ୍ଲା ଙ୍କୁ ୧୬/୪/୨୦୨୬ ଚିଠି ଦ୍ୱାରା ଅବଗତ କରାଯାଇଛି ବୋଲି ଆଜିର ସଭାରେ ଜିଲ୍ଲାପାଳ ପ୍ରକାଶ କଲେ ଓ ଖୁବଶୀଘ୍ର ଅନୁଦାନ ରାଶି ମିଳିଗଲେ । ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ଆଜି ଭିତିପ୍ରସ୍ତର ସ୍ଥାପନ କରାଗଲା । ସାଂସଦ ଆସନ୍ତା ୨୦୨୭ ମସିହାରେ ଆପଣମାନଙ୍କ ଉଦ୍ଦେଶ୍ୟରେ ଏହା ସମ୍ପୂର୍ଣ୍ଣ କରିବାକୁ ସମସ୍ତ ଚେଷ୍ଟା ଜାରି ରଖିବି, ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ତାଙ୍କର ବକ୍ତବ୍ୟ ରଖିଲେ କି ଜିଲ୍ଲାର ସମ୍ମାନସ୍ପଦ ବୟୋଜ୍ୟେଷ୍ଠ ମାନଙ୍କ ପାଇଁ ଆମ ସରକାର ଓ ଆମ ଜିଲ୍ଲାର ମାନନୀୟ ମନ୍ତ୍ରୀ, ରାଜ୍ୟ ସଭା ସାଂସଦଙ୍କ ସହ ମିଶି ଏ ପ୍ରକଳ୍ପଟି ଖୁବ ଶୀଘ୍ର ଆପଣଙ୍କୁ ଜିଲ୍ଲା ପ୍ରଶାସନ ଜରିଆରେ ଉତ୍ସର୍ଗ କରିବୁ । ଆମ ସରକାର ଲୋକଙ୍କ ଆଶୀର୍ବାଦର ସରକାର, ଏହାକୁ ପାଥେୟ କରି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମମାନ ଆଗେଇନେବୁ । ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତ ବରିଷ୍ଠଙ୍କ ସମେତ ମଂଚାସୀନ ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ବରିଷ୍ଠ କିରାଣୀ ବିଦୁସଙ୍କର ନାୟକ, ମହାସଂଘ କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ଉପସଭାପତି ସଚିକାନ୍ତ ପଣ୍ଡା, ସହସମ୍ପାଦକ ବିଭୁତି ଭୂଷଣ ସେନାପତି, ବିଜୟ ସେନାପତି, ବିଚିତ୍ରାନନ୍ଦ ମହାନ୍ତି, ରାଧାରାଣୀ ମହାପାତ୍ର, ଡା. ଭଗବାନ ପରିଡା, ଭାଗବତ ତ୍ରିପାଠୀ, ଦିଲ୍ଲୀପ ନାୟକ, ଲକ୍ଷ୍ମଣ ନାୟକ, ସୁଧାକର ରାଉତ, ଅଖିଳ ପାଢ଼ୀ, ଶାନ୍ତନୁ ରାଉତ,ରାମଚନ୍ଦ୍ର କର, ଜିଲ୍ଲା ସ୍ତରରୁ ଅତୁଲ ପରିଡା, ଗୋପନାରାୟଣ ଦାସ, ମହେଶ୍ୱର ବେହେରା, ଭାସ୍କର ଚନ୍ଦ୍ର ପାଢ଼ୀ, ଭାଗିରଥି ବେହେରା, ଲକ୍ଷ୍ମୀଧର ସାହୁ, ପିତାମ୍ବର ରାଉତ, ମଦନ ମହାକୁଡ଼ ସମେତ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।

# ହର୍ଦ୍ଦଲି ଏସ୍.ଏସ୍.ଡି. ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ଜୟପୁର : (ହି.ସ.)- କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ହର୍ଦ୍ଦଲି ଏସ୍.ଏସ୍.ଡି. ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷୀକେଶ ସାହୁଙ୍କ ପୃଷ୍ଠପୋଷକତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ଆମ୍ବ, ପଣସ, କରଞ୍ଜ, ବେଲ ଓ ଲିମ୍ବ ଭଳି ବିଭିନ୍ନ ଫଳଜ ଏବଂ ଔଷଧୀୟ ବୃକ୍ଷର ଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରି ବୃକ୍ଷରୋପଣ କରିଥିଲେ । ଏହି ଅବସରରେ ପରିବେଶ ସୁରକ୍ଷା, ବନ ସମ୍ପଦର ସଂରକ୍ଷଣ ଏବଂ ଅଧିକରୁ ଅଧିକ ଗଛ ଲଗାଇ ସବୁଜ ପରିବେଶ ସୃଷ୍ଟି କରିବା ପାଇଁ ସଚେତନତାର ବାର୍ତ୍ତା ଦିଆଯାଇଥିଲା ।ଉପସ୍ଥିତ ବକ୍ତାମାନେ କହିଥିଲେ ଯେ, ଗଛ ହେଉଛି ଜୀବନର ଆଧାର । ପରିବେଶର ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ଆଗାମୀ ପିଢ଼ି ପାଇଁ ସୁସ୍ଥ ଓ ସବୁଜ ପରିବେଶ ଗଢ଼ି ତୋଳିବାରେ ବୃକ୍ଷରୋପଣର ଭୂମିକା ଅପରିହାର୍ଯ୍ୟ । ଶେଷରେ ରୋପଣ କରାଯାଇଥିବା ଚାରାଗୁଡ଼ିକର ନିୟମିତ ଯତ୍ନ ନେବା ସହ ସେଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ ।

# ଜଳକ୍ରୀଡ଼ାର ଅପାର ସମ୍ଭାବନା : ସାହସିକ ପର୍ଯ୍ୟଟନକୁ ମିଳିବ ନୂଆ ଦିଗ ; ପ୍ରଶାସନିକ ତତ୍ପରତାକୁ କେନ୍ଦ୍ରୀୟ ଟିମ୍ ର ପ୍ରଶଂସା

ମାଲକାନଗିରି: (ହି.ସ.)- ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ମାଲକାନଗିରି ଜିଲ୍ଲା ଏକ ନୂତନ ଇତିହାସ ରଚନା କରିବାକୁ ଯାଉଛି । ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଅଧୀନରେ ଥିବା ଗୋଆ ସ୍ଥିତ ପ୍ରସିଦ୍ଧ 'ରାଷ୍ଟ୍ରୀୟ ଜଳକ୍ରୀଡ଼ା ସଂସ୍ଥାନ' ର ମିଳିତ ସହଯୋଗରେ ଜିଲ୍ଲାରେ ଜଳଭିତିକ ସାହସିକ ପର୍ଯ୍ୟଟନର ବ୍ୟାପକ ସମ୍ଭାବନାକୁ ନେଇ ଏକ ଉଚ୍ଚସ୍ତରୀୟ ବୈଷୟିକ ସର୍ବେକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଚଳିତ ଜୁଲାଇ ୧୧ ଓ ୧୨ ତାରିଖରେ ଦୁଇ ଦିନ ଧରି ଚାଲିଥିବା ଏହି ସର୍ଭେରେ ଜିଲ୍ଲାର ପ୍ରମୁଖ ଜଳାଶୟଗୁଡ଼ିକର ଭୌଗୋଳିକ ସ୍ଥିତି, ଜଳର ପ୍ରବାହ ଏବଂ ସୁରକ୍ଷା ବ୍ୟବସ୍ଥାର ସୂକ୍ଷ୍ମ ଅନୁଧ୍ୟାନ କରାଯାଇଛି । ଜାମ୍ବୁର ପ୍ରମୁଖ ଅତିଥି ବିଶେଷଜ୍ଞ ସଞ୍ଜୟ ସିଂ ସମ୍ବିଆଲ ଏବଂ ଚେନ୍ନାଇର ନ୍ୱିସ୍ ବୈଷୟିକ ଅଧିକାରୀ ଜଗଦୀଶ ଭି.ଙ୍କୁ ନେଇ ଗଠିତ ଏହି ୨ ଜଣିଆ ଉଚ୍ଚସ୍ତରୀୟ ଟିମ୍ ଜିଲ୍ଲାର ବିଭିନ୍ନ ପ୍ରସ୍ତାବିତ ସ୍ଥଳରେ ହ୍ୱାଇଟ୍-ୱାଟର୍ ରାଫ୍ଟିଂ, କାୟାକିଂ ଏବଂ କାନୋଇଂ ଭଳି ଜଳ-ଭିତିକ ସାହସିକ ପର୍ଯ୍ୟଟନ କାର୍ଯ୍ୟକଳାପର ଭିତିଭୂମି ଯାଂଚ୍ କରିଛନ୍ତି । ସର୍ଭେ କାର୍ଯ୍ୟ ଶେଷ କରିବା ପରେ କେନ୍ଦ୍ରୀୟ ବିଶେଷଜ୍ଞ ଦଳ ଜିଲ୍ଲାର ପ୍ରାକୃତିକ ସମ୍ପଦ ଏବଂ ଜଳକ୍ରୀଡ଼ାର ଭିତିଭୂମିକୁ ନେଇ ଉଚ୍ଚ ପ୍ରଶଂସା କରିଛନ୍ତି । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅତିଥି ବିଶେଷଜ୍ଞ ସଞ୍ଜୟ ସିଂ ସମ୍ବିଆଲ କହିଛନ୍ତି ଯେ, ମାଲକାନଗିରିର ଜଳାଶୟଗୁଡ଼ିକ କେବଳ ସୁନ୍ଦର ନୁହେଁ, ବରଂ ସାହସିକ ଜଳକ୍ରୀଡ଼ା ପାଇଁ ଏହା ଏକ ପ୍ରାକୃତିକ ଭେଟି । ବିଶେଷ କରି ଅପର ସାବେରୀ ଗର୍ଜ ଏବଂ ପୋଟେରୁ ହିଲ୍ ସେକ୍ସନର ଭୌଗୋଳିକ ଗଠନ 'ହ୍ୱାଇଟ୍-ୱାଟର୍ ରାଫ୍ଟିଂ' ପାଇଁ ଅତ୍ୟନ୍ତ ଅନୁକୂଳ ଏବଂ ସାରା ଭାରତରେ ଏଭଳି ପ୍ରାକୃତିକ ଢାଲୁ ଓ ଜଳ ପ୍ରବାହ ଖୁବ୍ କମ୍ ସ୍ଥାନରେ ଦେଖିବାକୁ ମିଳେ ବୋଲି ସେ ପ୍ରକାଶ କରିଛନ୍ତି । ସେହିପରି ନ୍ୱିସ୍ ଚେନ୍ନାଇର ବୈଷୟିକ ଅଧିକାରୀ ଶ୍ରୀ ଜଗଦୀଶ କହିଛନ୍ତି ଯେ, ଚିତ୍ରକୋଣ୍ଡା ଜଳଭଣ୍ଡାର ଏବଂ ସିଲେରୁ ଭ୍ୟାଲିର ବିସ୍ତୀର୍ଣ୍ଣ ଜଳରାଶି 'କାୟାକିଂ' ଓ 'କାନୋଇଂ' ପାଇଁ ସର୍ବୋତ୍କୃଷ୍ଟ । ଏଠାକାର ଶାନ୍ତ ଅଥଚ ରୋମାଂଚକର ପରିବେଶ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବ ଏବଂ ଏଠାରେ ପରିବେଶର ସନ୍ତୁଳନ ରକ୍ଷା କରି ଏକ ସୁରକ୍ଷିତ ଇକୋ-ଟୁରିଜମ୍ ମଡେଲ୍ ପ୍ରସ୍ତୁତ କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହି ପ୍ରସ୍ତାବିତ ଜଳକ୍ରୀଡ଼ା ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ମାଲକାନଗିରି ଜିଲ୍ଲା ତଥା ସମଗ୍ର ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ଏକ ବଡ଼ ବୁଷ୍ଟର୍ ମିଳିବ । ଏହାଦ୍ୱାରା ମାଲକାନଗିରି ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ଆକର୍ଷଣ କେନ୍ଦ୍ର ପାଲଟିବା ସହ ଦେଶ ଓ ବିଦେଶର ସାହସିକ କ୍ରୀଡ଼ାପ୍ରେମୀଙ୍କୁ ଆକୃଷ୍ଟ କରିବ । ପର୍ଯ୍ୟଟନର ଏହି ବିକାଶ ଦ୍ୱାରା ସ୍ଥାନୀୟ ଯୁବକଯୁବତୀମାନେ ଗାଇଡ୍, ଲାଇଫ୍ ଗାର୍ଡ ଓ ଆତିଥେୟତା କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ପାଇବେ । ଏହା ସହିତ ଜିଲ୍ଲାରେ ହୋଟେଲ, ପରିବହନ ଏବଂ ହସ୍ତଶିଳ୍ପ ବ୍ୟବସାୟ ବୃଦ୍ଧି ପାଇବା ସହ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବ ଏବଂ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି । ଏହି ସମଗ୍ର ସର୍ଭେ କାର୍ଯ୍ୟକ୍ରମକୁ ଅତି ସୂଚାରୁ ରୂପେ ସମ୍ପାଦନ କରିବା ପଛରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଦୂରଦୃଷ୍ଟିସମ୍ପନ୍ନ ନିର୍ଦ୍ଦେଶନା ଓ ସକ୍ରିୟ ଭୂମିକା ରହିଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରୀୟ ଟିମ୍ କୁ ସମସ୍ତ ପ୍ରକାର ଲଜିଷ୍ଟିକ୍ସ ଓ ବୈଷୟିକ ସହାୟତା ତତ୍କାଳ ଯୋଗାଇ ଦିଆଯାଇଥିଲା । ପ୍ରଶାସନର ଏଭଳି ସହଯୋଗ ଓ କାର୍ଯ୍ୟଦକ୍ଷତାକୁ କେନ୍ଦ୍ରୀୟ ପ୍ରତିନିଧି ଦଳ ଉଚ୍ଚ ପ୍ରଶଂସା କରିଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଡେପୁଟି କଲେକ୍ଟର ସ୍ୱୟଂ ସିଦ୍ଧ ରାଉତ ସମସ୍ତ ଦାୟିତ୍ୱ ଓ ପ୍ରଶାସନିକ ସମନ୍ୱୟ ରକ୍ଷା କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୧୧ ତାରିଖରେ ବିଶେଷଜ୍ଞ ଦଳ ଚିତ୍ରକୋଣ୍ଡା ଇକୋ ପାର୍କ ସ୍ଥିତ ହ୍ରଦ, ସ୍କିଲ ୱେ, ଗୁରୁପ୍ରିୟା ସେତୁ ନିକଟବର୍ତ୍ତୀ ଧନୁର୍ଯ୍ୟାୟ ଗୁଡା ଏବଂ ଝୁଲା ବ୍ରିଜ୍ ଅଂଚଳ ଗସ୍ତ କରିଥିବା ବେଳେ ଫରେଷ୍ଟ ରେଞ୍ଜର ବଳରାମ ନାୟକ, ସତୀଗୁଡ଼ା ଇକୋ ପାର୍କ ମ୍ୟାନେଜର ଅବିନାଶ ମହାନ୍ତି ଓ ସ୍ଥାନୀୟ ସ୍ୱାଡ୍ ବୟ ସମ୍ପୂର୍ଣ୍ଣ ସହାୟତା କରିଥିଲେ । ସେହିପରି ଜୁଲାଇ ୧୨ ତାରିଖ ଦ୍ୱିତୀୟ ଦିନରେ ଟିମ୍ ପୋଟେରୁ ହିଲ୍ ସେକ୍ସନ, ସିଲେରୁ ଭ୍ୟାଲି ଓ ଅପର ସାବେରୀ ଗର୍ଜ ଭଳି ପ୍ରାକୃତିକ ଭେଟି ଥିବା ସ୍ଥାନଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଥିଲେ ଏବଂ ଏହି ସମୟରେ କାଲିମେଳା ରେଞ୍ଜର ଓ ସ୍ଥାନୀୟ ସ୍ୱାଡ୍ ବୟ ସହାୟତା କରିଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ନ୍ୱିସ୍ ବିଶେଷଜ୍ଞ ଦଳଙ୍କ ଏହି ୩ ସପ୍ତାହ ବ୍ୟାପୀ ବ୍ୟାପକ ସର୍ଭେ କାର୍ଯ୍ୟକ୍ରମ ଆସନ୍ତା ଜୁଲାଇ ୨୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ଏବଂ ଏହି ଦଳ ପ୍ରଦାନ କରିବାକୁ ଥିବା ଚୂଡ଼ାନ୍ତ ରିପୋର୍ଟ ଆଧାରରେ ଆଗାମୀ ଦିନରେ ମାଲକାନଗିରିରେ ପର୍ଯ୍ୟଟନ ଭିତିଭୂମିର ବିକାଶ କରାଯିବ ।

# ବୃକ୍ଷରୋପଣ ଆମରି ପଣ : 'ଏକ ପେଡ୍ ମା କେ ନାମ'

ବଲାଙ୍ଗୀର : (ହି.ସ.) – ସ୍ଥାନୀୟ ମାଲପଡ଼ା ସ୍ଥିତ ମଂଟେଶ୍ୱରୀ ପବ୍ଲିକ ସ୍କୁଲରେ ଏକ ପେଡ୍ ମା କେ ନାମ କାର୍ଯ୍ୟକ୍ରମ ଆଜି ଆୟୋଜିତ ହୋଇଯାଇଛି । ଆଜିର ଦିବସଟିକୁ ବୃକ୍ଷରୋପଣ ଆମରି ପଣ ପ୍ରସଙ୍ଗରେ ଛାତ୍ର ଛାତ୍ରୀଙ୍କ ମନରେ ଉଦ୍‌ଘୋଷିତ ହେଉ ବୋଲି ସ୍କୁଲର ମ୍ୟାନେଜିଂ ଡାଇରେକ୍ଟର ରବିଚନ୍ଦ୍ର ଉପଦ୍‌ଗାତା ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ସ୍କୁଲ ଚେୟାରମେନ ବୀରେନ୍ଦ୍ର କୁମାର ଉଦ୍‌ଗାତା ଅଧ୍ୟକ୍ଷତା କରିଥିଲେ । ପ୍ରାଇମେରୀ ସେକ୍ସନ ପ୍ରିନ୍ସିପାଲ ଅଭିସ୍ମିତା ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସ୍କୁଲ ସେକେଣ୍ଡାରୀ ପ୍ରିନ୍ସିପାଲ ଡ. ରବିଚନ୍ଦ୍ର ପଶାୟତ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସାମ୍ବାଦିକ ଆକୁଳ ବେହେରା ଅତିଥି ଭାବେ ଯୋଗଦାନ କରି ମତବ୍ୟକ୍ତ କରିଥିଲେ । ଆଜିର ସକାଳ କାର୍ଯ୍ୟକ୍ରମରେ ସ୍କୁଲର ନିଜସ୍ୱ କ୍ୟାମ୍ପସ ଭାଲେର ଠାରେ ବିଭିନ୍ନ କିସମର ୫୦ ଗୋଟି ଚାରାରୋପଣ କରାଯାଇଥିବା ବେଳେ ମାଲପଡ଼ା ସ୍ଥିତ କ୍ୟାମ୍ପସରେ ଶିକ୍ଷକ ଆରତୀ ପ୍ରିୟଦର୍ଶନୀ, ଜସ୍ମିନ ଉଦ୍‌ଗାତା, ଅନୁପମା ତନ୍ତୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ସ୍କୁଲର ସ୍କାଉଟ, ଗାଇଡ, ରେଡ଼କ୍ରେସ ୟୁନିଟ୍ ଇକୋ କ୍ଲବର ସମସ୍ତ ଛାତ୍ରଛାତ୍ରୀ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଶିକ୍ଷକ ଆଶିକ ଯୋଷୀ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ରୋହିତ ବକୁଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତ ଟେକ୍ସ ୨୦୨୬: ମୋଦୀଙ୍କ ୫ଏଫ ଭିଜନକୁ ନୂଆ ଗତି

କାଶ୍ମୀରୀ ପଶ୍ମିନାର ଅପୂର୍ବ ଉଷ୍ଣତାଠାରୁ ଆରମ୍ଭ କରି ଆସାମର ମୁଗା ସିଲ୍କର ମହାନ ଚମକ ପର୍ଯ୍ୟନ୍ତ, ରାଜସ୍ଥାନୀ ବାନ୍ଧଣୀର ପ୍ରାଣବନ୍ତ ଜ୍ୟାମିତିକ ଶୈଳୀଠାରୁ ଆରମ୍ଭ କରି କାଞ୍ଚିଭରମ୍ ସିଲ୍କର ଚିରନ୍ତର ତଥା ସୁସଜ୍ଜିତ ଚମତ୍କାରିତା ପର୍ଯ୍ୟନ୍ତ, ଭାରତର ଭୌଗଳିକ ଏବଂ ସାଂସ୍କୃତିକ ବିବିଧତା ହେଉଛି ସୂତାରେ ଅଙ୍କାଯାଇଥିବା ଏକ ଜୀବନ୍ତ ମାନଚିତ୍ର । ଆଜି, ଆମ ସଭ୍ୟତାର ଏହି ଅତୁଳନୀୟ କାନଭାସ ଏକ ସୂତ୍ରରେ ବାନ୍ଧି ହୋଇ ଗୋଟିଏ ଛାତ ତଳେ ଏକତ୍ରିତ ହୋଇଛି । ଭାରତ ଟେକ୍ସ ୨୦୨୬ ଜୁଲାଇ ୧୪ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଏହାର ଦ୍ୱାର ଉନ୍ମୁକ୍ତ କରିବା ସହିତ, ଏହା ଆମ ଦେଶର ସୁନ୍ଦରତମ ବିବିଧତାକୁ ଗୋଟିଏ ସ୍ଥାନରେ ପ୍ରଦର୍ଶନ କରିବାକୁ ଯାଉଛି । ବୟନ ଶିଳ୍ପ କେବଳ ଆମ ସଂସ୍କୃତି ଓ ଐତିହ୍ୟର ପ୍ରତିଫଳନ ନୁହେଁ, ବରଂ ଏହା ଭାରତର ବୃହତ ଅର୍ଥନୈତିକ ଭିତିଭୂମିର ଏକ ମୁଖ୍ୟ ସ୍ତମ୍ଭ । ଏହି କ୍ଷେତ୍ର ଅଭିବୃଦ୍ଧି ଏବଂ ସମାନତାର ଏକ ସ୍ମାରକୀ ଇଞ୍ଜିନ ଭାବରେ ରହିଛି, ଯାହା ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି) ରେ ୨.୩ ପ୍ରତିଶତ, ଶିଳ୍ପ ଉତ୍ପାଦନରେ ୧୩ ପ୍ରତିଶତ ଏବଂ ରପ୍ତାନିରେ ୮.୬ ପ୍ରତିଶତ ଅବଦାନ ରଖୁଛି । କୃଷି ପରେ ଭାରତର ଦ୍ୱିତୀୟ ବୃହତମ ନିଯୁକ୍ତିଦାତା ଭାବରେ, ଏହା ୧୦ କୋଟିରୁ ଅଧିକ ଲୋକଙ୍କୁ ଜୀବିକା ଯୋଗାଇ ଦେଉଛି, ଯାହା ଗ୍ରାମୀଣ ସମୁଦାୟକୁ ସଦୃଢ଼ କରିବା ସହ ସାରା ଦେଶରେ ଲକ୍ଷ ଲକ୍ଷ ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବିତାକୁ ବୃଦ୍ଧି କରୁଛି । ଆର୍ଥିକ ଦୃଷ୍ଟିରୁ ଏହି ଶକ୍ତିଶାଳୀ ସଂସ୍ଥାକୁ ପ୍ରକୃତରେ ଉପଭୋଗ ଏବଂ ପ୍ରଶଂସା କରିବା ପାଇଁ, ଜଣେ ଭାରତ ଟେକ୍ସକୁ ଅନୁଭବ କରିବା ଉଚିତ । ଏହା ଭାରତର ଏକ ପ୍ରମାଣିତ, ବିଶ୍ୱ-ସ୍ତରୀୟ ବୟନ ଶିଳ୍ପ ବାଣିଜ୍ୟ ମେଳା, ଯାହା ସମଗ୍ର ବିଶ୍ୱକୁ ଆମର ସମ୍ପୂର୍ଣ୍ଣ ଉତ୍ପାଦନ ଏବଂ ସୃଜନଶୀଳ ପ୍ରଭୁତ୍ୱ ପ୍ରଦର୍ଶନ କରିବା ଲକ୍ଷ୍ୟରେ ଡିଜାଇନ୍ କରାଯାଇଛି । ଏହା ଗୋଟିଏ ଛାତ ତଳେ ଘରୋଇ ନିର୍ମାତା, ରାଜ୍ୟ ମଣ୍ଡପ, ଅନ୍ତର୍ଜାତୀୟ ପ୍ରଦର୍ଶକ ଏବଂ ବିଶ୍ୱ କ୍ରେତା ମାନଙ୍କୁ ଆତିଥ୍ୟ ପ୍ରଦାନ କରୁଥିବା ଏକ ବ୍ୟାପକ ବଜାର ଭାବରେ କାର୍ଯ୍ୟ କରେ, ଯାହା ଅଭୂତପୂର୍ବ ସ୍ତରରେ ଉଚ୍ଚ-ମୂଲ୍ୟଯୁକ୍ତ ସୋର୍ସି, କର୍ପୋରେଟ୍ ସଂଯୋଗ ଏବଂ ବ୍ରାଣ୍ଡ ପ୍ରଦର୍ଶନକୁ ସକ୍ଷମ କରିଥାଏ । ଏହି ମହାନ ପଦକ୍ଷେପର ସଫଳ ଯାତ୍ରା ଉପରେ ପ୍ରତିଫଳିତ କରି, ମୁଁ ଭାରତ ଟେକ୍ସର ପୂର୍ବ ଦୁଇଟି ସଂସ୍କରଣ ମାଧ୍ୟମରେ ଅଣାଯାଇଥିବା ବିଶାଳ ଗର୍ବ ଏବଂ ସ୍ୱଷ୍ଟତାକୁ ସ୍ମରଣ କରାଇ ଦେବାକୁ ଚାହେଁ । ଭାରତ ଟେକ୍ସର ବିଗତ ସଂସ୍କରଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୟନ ଶିଳ୍ପ ସହିତ ଜଡ଼ିତ ସମଗ୍ର ଗୋଷ୍ଠୀଙ୍କୁ ସମ୍ବୋଧିତ କରିବା ସମୟରେ, ସେ ସୁନ୍ଦର ଭାବରେ ଦର୍ଶାଇଥିଲେ ଯେ ଆମେ ଯେଉଁ ବୀଜ ରୋପଣ କରିଥିଲୁ ତାହା ଏବେ ଦ୍ରୁତ ଗତିରେ ଏକ ବିଶାଳ ବଟବୃକ୍ଷରେ ପରିଣତ ହୋଇଛି । ସେ ଉଲ୍ଲେଖ କରିଥିଲେ ଯେ ଏହି ମହାନ ପ୍ରଦର୍ଶନୀ କେବଳ ଆମର ସମୃଦ୍ଧ ପରମ୍ପରାକୁ ଅନୁପାଳନ କରେ ନାହିଁ ବରଂ ଏକ ବିକଶିତ ଭାରତର ଅପାର ସମ୍ଭାବନାକୁ ମଧ୍ୟ ଉଜ୍ଜ୍ୱଳ ଭାବରେ ପ୍ରଦର୍ଶିତ କରିଥାଏ । ପ୍ରଥମ ଦୁଇଟି ସଂସ୍କରଣର ବିପୁଳ ସଫଳତା, ଯାହା ଅଭୂତପୂର୍ବ ଅନ୍ତର୍ଜାତୀୟ କ୍ରେତାଙ୍କୁ ଆକର୍ଷିତ କରିଥିଲା ଏବଂ ବ୍ୟାପକ ସହଯୋଗମୂଳକ ପ୍ରଗତି ସୃଷ୍ଟି କରିଥିଲା, ଏକ ସୁଦୃଢ଼ ଭିତିଭୂମି ସ୍ଥାପନ କରିଥିଲା । ଭାରତ ଟେକ୍ସ ୨୦୨୫ ସମୟରେ ମୋର ବ୍ୟକ୍ତିଗତ ଅଭିଜ୍ଞତା, ସରକାର-ସରକାର ଏବଂ ବ୍ୟବସାୟ-ସରକାର ମଧ୍ୟରେ ଘନିଷ୍ଠ ଆଲୋଚନାକୁ ଦୃଶ୍ୟମାନ ଫଳାଫଳରେ ପରିଣତ କରିବା ସହିତ ଭବିଷ୍ୟତ ପାଇଁ ଏକ ଅତ୍ୟନ୍ତ ସକାରାତ୍ମକ ଦୃଷ୍ଟିକୋଣକୁ ସୁନିଶ୍ଚିତ କରିଥିଲା ଏବଂ ଭାରତର କାର୍ଯ୍ୟାନ୍ୱୟନ କ୍ଷମତା ଉପରେ ବଢ଼ି ଚାଲିଥିବା ବିଶ୍ୱ ବିଶ୍ୱାସକୁ ପ୍ରଦର୍ଶନ କରିଥିଲା । ଏହି ତୃତୀୟ ସଂସ୍କରଣ ସେହି ଗତିକୁ ଯଥେଷ୍ଟ ଆଗକୁ ନେବାରେ ସହାୟକ ହେବ ଏବଂ ପ୍ରାରମ୍ଭିକ ସମ୍ଭାବନାକୁ ସମ୍ପୂର୍ଣ୍ଣ ଶିଳ୍ପ ପ୍ରାଧାନ୍ୟରେ ଅବଶ୍ୟ ପରିଣତ କରିବ । ଚଳିତ ବର୍ଷର ଅବିଶ୍ୱସନୀୟ ପ୍ରସ୍ତୁତି ଓ ଆୟୋଜନ ଶିଳ୍ପ ରଣନୀତିକୁ ଉତମ ରୂପେ ପ୍ରତିନିଧିତ୍ୱ କରେ । ଭାରତ ମଣ୍ଡପମରେ ଆୟୋଜିତ ସମର୍ପିତ ପ୍ରଦର୍ଶନୀ ହଲଗୁଡ଼ିକରେ ଏକ ବିଶାଳ ପଦଚିହ୍ନ ବିସ୍ତାର କରି, ଫାଇବର, ସୂତା, କପଡ଼ା, ପୋଷାକ ଏବଂ ଫ୍ୟାଶନ୍, ଘରୋଇ ବୟନଶିଳ୍ପ, ବୈଷୟିକ ବୟନଶିଳ୍ପ ଏବଂ ସହାୟକ ଶିଳ୍ପ ସମେତ ଭାରତର ସମ୍ପୂର୍ଣ୍ଣ ବୟନଶିଳ୍ପ ମୂଲ୍ୟ ଶୃଙ୍ଖଳ ପ୍ରଦର୍ଶନୀକୁ ଉପସ୍ଥାପନ କରେ । ୧,୬୦୦ରୁ ଅଧିକ ପ୍ରଦର୍ଶକ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରୁଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ପଞ୍ଚ ପରିବର୍ତନକାରୀ ୫ଏଫ ଦୃଷ୍ଟିକୋଣ: ଫାର୍ମରୁ ଫାଇବରରୁ କାରଖାନାରୁ ଫ୍ୟାଶନରୁ ବିଦେଶକୁ ପ୍ରତିଫଳିତ କରିବା ସକାଶେ ସିଧାସଳଖ ବିଶ୍ୱ ପ୍ଲାଟଫର୍ମରେ ସ୍ଥାନୀୟ ଉତ୍ପାଦନ ଶକ୍ତି ଆଣିଛି । ସମଗ୍ର ମୂଲ୍ୟ ଶୃଙ୍ଖଳକୁ ଏକକ ଶିଳ୍ପ ନିରନ୍ତରତାରେ ସଂଯୋଜିତ କରି, ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଉତ୍ପାଦନ ପର୍ଯ୍ୟାୟକୁ ସ୍ଥାନୀୟ ଭାବରେ ପରିଚାଳନା କରିବା ନିମନ୍ତେ ଭାରତର ଆତ୍ମନିର୍ଭର ଶୀଳ କ୍ଷମତାକୁ ମଧ୍ୟ ପ୍ରଦର୍ଶନ କରେ । ଏହି ପ୍ରସ୍ତାବ ପ୍ରତି ବିଶ୍ୱସ୍ତରୀୟ ପ୍ରତିକ୍ରିୟା ଉଲ୍ଲେଖନୀୟ । ଏହି ସଂସ୍କରଣରେ ଯୁକ୍ତରାଷ୍ଟ୍ର, ଯୁକ୍ତରାଜ୍ୟ, ଜାପାନ, ପର୍ତୁଗାଲ, ସ୍ପେନ, ନ୍ୟୁଜିଲ୍ୟାଣ୍ଡ, ଦକ୍ଷିଣ କୋରିଆ, ଦକ୍ଷିଣ ଆଫ୍ରିକା ଏବଂ ନେପାଳ ସମେତ ମୋଟ ୧୪ଟି ଦେଶର ଅନ୍ତର୍ଜାତୀୟ ପ୍ରଦର୍ଶକ ମାନେ ଅଂଶଗ୍ରହଣ କରିଛନ୍ତି, ଏଥିସହ ମିଳିତ ଜାତିସଂଘ ଏବଂ ୟୁରୋପୀୟ ସଂଘର ଦୃଢ଼ ସଂସ୍ଥାଗତ ପ୍ରତିନିଧିତ୍ୱ ମଧ୍ୟ ଏହି ସମ୍ମିଳନୀରେ ରହିଛି । ଦୀର୍ଘକାଳୀନ ସହଭାଗୀତା ଅନୁସନ୍ଧାନ ପାଇଁ ବିଭିନ୍ନ ଦେଶର ମନ୍ତ୍ରୀସ୍ତରୀୟ ପ୍ରତିନିଧି ମଣ୍ଡଳ ଏବଂ ଉଚ୍ଚସ୍ତରୀୟ ବ୍ୟବସାୟିକ ପ୍ରତିନିଧିମାନେ ଏଥିରେ ଅଂଶଗ୍ରହଣ କରୁଛନ୍ତି । ପ୍ରଦର୍ଶନୀରେ ଚାରି ଦିନ ମଧ୍ୟରେ ୧୧୦ ଗୋଟି ପଞ୍ଜିକୃତ ଦେଶରୁ ୭,୦୦୦ରୁ ଅଧିକ କ୍ରେତା ଏବଂ ୧.୩ ଲକ୍ଷ ବାଣିଜ୍ୟ ପରିଦର୍ଶକ ଯୋଗ ଦେବେ ବୋଲି ଆଶା କରାଯାଉଛି, ଯେଉଁମାନେ ନିଜ ନିଜର ୨୦,୦୦୦ରୁ ଅଧିକ ବୟନ ଶିଳ୍ପ ଉତ୍ପାଦ ପ୍ରଦର୍ଶନ କରିବେ । ଏହି ବାଣିଜ୍ୟିକ କାର୍ଯ୍ୟକଳାପ ୩,୫୦୦ରୁ ଅଧିକ କ୍ୟୁରେଟେଡ୍ ବ୍ୟବସାୟରୁ ବ୍ୟବସାୟ ବୈଠକ ଦ୍ୱାରା ପରିଚାଳିତ ହେବ ଏବଂ ଏହା ସହିତ ସମର୍ପିତ ରାଜ୍ୟ ନିବେଶକ ସଂଯୋଗ ଅଧିବେଶନ ମଧ୍ୟ ଅନୁଷ୍ଠିତ ହେବ ଯାହା ଫଳରେ ବ୍ୟକ୍ତିଗତ ଭାବରେ ଭାରତୀୟ ରାଜ୍ୟଗୁଡ଼ିକୁ ସେମାନଙ୍କର ସ୍ୱତନ୍ତ୍ର ଶିଳ୍ପ ଭିତିଭୂମି ସ୍ଥାପନ କରିବା ପାଇଁ ଏକ ମଂଚ ପ୍ରଦାନ କରିବ । ବାସ୍ତବ ଶିଳ୍ପ ନେତୃତ୍ୱ ପାଇଁ ଜ୍ଞାନ ଏବଂ ଭବିଷ୍ୟତ ଯୋଜନା ପ୍ରତି ଗଭୀର ପ୍ରତିବଦ୍ଧତା ଆବଶ୍ୟକ । ଭାରତ ଟେକ୍ସ ୨୦୨୬ରେ ବୈଶ୍ୱିକ ବୟନ ବାର୍ତାଳାପ (ଗ୍ଲୋବାଲ୍ ଟେକ୍ସଟାଇଲ୍ ଡାଏଲଗ୍) ମାଧ୍ୟମରେ ଏହି ଦାୟିତ୍ୱକୁ ପରିଚାଳନା କରିବ, ଯେଉଁଥିରେ ପ୍ୟାନେଲ୍ ଆଲୋଚନା, ଗୋଲଟେବୁଲ, ମାଷ୍ଟର କ୍ଲାସ୍, ରାଜ୍ୟ ଅଧିବେଶନ, ପୁରସ୍କାର ପିଚ୍ ଫେଷ୍ଟ ଏବଂ କର୍ମଶାଳା ସମେତ ୧୦୦ରୁ ଅଧିକ ସଂଗୃହୀତ ଅଧିବେଶନ ଅନ୍ତର୍ଭୁକ୍ତ କରାଯାଇଛି । ୩୭୦ରୁ ଅଧିକ ଅନ୍ତର୍ଜାତୀୟ ଏବଂ ଜାତୀୟ ସି.ଏକ୍ସ.ଓ., ନୀତି ନିର୍ଦ୍ଧାରକ ଏବଂ ନବସୃଜନକାରୀଙ୍କ ନେତୃତ୍ୱରେ, ଏହି ସଂଗୃହୀତ ଟ୍ରାକ୍ ବାଣିଜ୍ୟ ଏବଂ ନିବେଶକୁ ବୃଦ୍ଧି କରିବା, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନକୁ ଆଗକୁ ବଢ଼ାଇବା ଏବଂ ଫ୍ୟାଶନ୍ ଏବଂ କ୍ରାଫ୍ଟକୁ ଉଚ୍ଚ କରିବା ଉପରେ ଗୁରୁତ୍ୱ ଆରୋପ କରିବ । ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ, ନିବେଶ, ପ୍ରଯୁକ୍ତି ବିଦ୍ୟା ଏବଂ ସଂସ୍ଥାଗତ ସହଯୋଗରେ ଅନେକ ରଣନୈତିକ ଚୁକ୍ତିନାମା ଏବଂ କ୍ଷେତ୍ରୀୟ ରିପୋର୍ଟ ସ୍ୱାକ୍ଷର ଏବଂ ଉନ୍ମୋଚନ ମଧ୍ୟ ହେବ । ଏହି ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ସ୍ଥାୟିତ୍ୱ ଏବଂ ବର୍ତୁଳତାର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ପ୍ରତି ଉତ୍ସର୍ଗୀକୃତ । ପୂର୍ବ ସଂସ୍କରଣ ସମୟରେ, ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ଯେ ବିଶ୍ୱ ଫ୍ୟାଶନ୍ ସମ୍ପ୍ରଦାୟ 'ପରିବେଶ ପାଇଁ ଫ୍ୟାଶନ୍' ଦୃଷ୍ଟିକୋଣକୁ କ୍ରମାଗତ ଭାବରେ ଗ୍ରହଣ କରିଆସୁଛି ଏବଂ ସ୍ଥାୟିତ୍ୱ ସର୍ବଦା ଭାରତର ବୟନଶୀଳ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଆସିଛି । ଭାରତ ଟେକ୍ସର ଏହି ସଂସ୍କରଣ ବିଶ୍ୱ ପରିବେଶ-ଚ୍ୟାଲେଞ୍ଜକୁ ଏକ ବିଶାଳ ସୁଯୋଗରେ ପରିଣତ କରିଛି । ଏହା ପ୍ରଦର୍ଶନ କରୁଛି ଯେ କିପରି ଅତ୍ୟାଧୁନିକ ନବସୃଜନ ଆମର ପାରମ୍ପରିକ କୌଶଳକୁ ବିକଶିତ କରି ସମ୍ବଳ ଦକ୍ଷତାକୁ ସର୍ବାଧିକ କରିବା ଏବଂ ଅପଚୟକୁ ଦୂର କରିବାରେ ସହାୟକ ହୋଇ ପାରିବ, ଯାହା ଆମର ବୁଣାକାର ଏବଂ କାରିଗରମାନଙ୍କୁ ସିଧା ସଳଖ ଭାବରେ ଉପକୃତ କରିପାରିବ । ଆମର ବୟନଶିଳ୍ପ ମନ୍ତ୍ରୀ ଶ୍ରୀ ଗିରିରାଜ ସିଂହଙ୍କ ବାସ୍ତବବାଦୀ ନେତୃତ୍ୱରେ, ମନ୍ତ୍ରଣାଳୟ ସକ୍ରିୟ ଭାବରେ ଏହି ଆଧୁନିକୀକରଣ ଏବଂ ସ୍ଥାୟୀ ଅଭିବୃଦ୍ଧି ପଦକ୍ଷେପଗୁଡ଼ିକୁ ଭୂମିରେ ତ୍ୱରାନ୍ୱିତ କରିଛି ଏବଂ ଏହା ନିଶ୍ଚିତ କରିଛି ଯେ ଆମର ସମଗ୍ର ବୟନଶିଳ୍ପ ମୂଲ୍ୟ ଶୃଙ୍ଖଳ ଦୃଢ଼ ଆଧୁନିକ ପ୍ରଯୁକ୍ତିବିଦ୍ୟା, ଆକଳନୀୟ ନୀତି ଢାଂଚା ଏବଂ ଦୃଢ଼ ବଜାର ସଂଯୋଗ ଦ୍ୱାରା ସମର୍ଥିତ । ଭାରତ ଟେକ୍ସ ମାଧ୍ୟମରେ ପ୍ରତିଫଳିତ ହେଉଥିବା ଅସାଧାରଣ ବ୍ୟାପକତା ଏବଂ ଆତ୍ମବିଶ୍ୱାସ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକ ଦଶନ୍ଧି ଧରି ଚାଲିଥିବା ନିରନ୍ତର ନୀତିଗତ ସଂସ୍କାରର ପ୍ରତ୍ୟକ୍ଷ ପରିଣାମ । ଗତ ୧୨ ବର୍ଷ ମଧ୍ୟରେ, ମୋଦୀ ସରକାର ବିଭିନ୍ନ ପରିବର୍ତନଶୀଳ ପଦକ୍ଷେପ ମାଧ୍ୟମରେ ବୟନ ଶିଳ୍ପର ପ୍ରତ୍ୟେକ ଶୃଙ୍ଖଳକୁ ସଦୃଢ଼ କରିଛନ୍ତି । ବୟନ ଶିଳ୍ପ ପାଇଁ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପି.ଏଲ.ଆଇ.) ଯୋଜନା ୩୧,୬୮୭ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ପ୍ରତିଶ୍ରୁତିକୁ ଆକର୍ଷିତ କରିଛି, ଯାହା ମାନବ ନିର୍ମିତ ଫାଇବର ପୋଷାକ, କପଡ଼ା ଏବଂ ବୈଷୟିକ ବୟନ ଶିଳ୍ପ କ୍ଷେତ୍ରରେ ବୃହତ ସ୍ତରୀୟ ଉତ୍ପାଦନକୁ ତ୍ୱରାନ୍ୱିତ କରିବା ସହ ବ୍ୟାପକ ରୋଜଗାର ସୃଷ୍ଟି କରିଛି । ଏହା ସହିତ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ୫ଏଫ ଆଭିମୁଖ୍ୟକୁ ରୂପାୟନ କରି ସାତୋଟି ପି.ଏମ- ମିତ୍ର ପାର୍କକୁ ସମନ୍ୱିତ ଉତ୍ପାଦନ ବ୍ୟବସ୍ଥା ଭାବେ ବିକଶିତ କରାଯାଉଛି । ତୃଣମୂଳ ସ୍ତରରେ ସଶକ୍ତୀକରଣ ସମାନ ଭାବରେ ଦୃଢ଼ ରହିଛି; ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ, ୭୯୪ଗୋଟି ହସ୍ତତନ୍ତ କ୍ଲଷ୍ଟରରେ ପ୍ରାୟ ୨,୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯାଇଛି, ଯାହା ଦେଶର ୧.୧୭ ଲକ୍ଷ ବୁଣାକାରଙ୍କୁ ଉନ୍ନତ ତନ୍ତୁ ଏବଂ ପ୍ରାୟ ୯୦,୦୦୦ ଶ୍ରମିକଙ୍କୁ ଦକ୍ଷତା ତାଲିମ ପ୍ରଦାନ କରିଛି । ସେହିଭଳି ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ ଅଧୀନରେ ୧,୩୩୫ କୋଟି ଟଙ୍କାରୁ ଅଧିକ ହସ୍ତଶିଳ୍ପ କ୍ଷେତ୍ରରେ ବିନିଯୋଗ କରାଯାଇଛି । ଏହା ବ୍ୟତୀତ, ୧.୫ ଲକ୍ଷରୁ ଅଧିକ ବୁଣାକାରଙ୍କୁ ସରକାରୀ ଇ-ମାର୍କେଟ୍ ପ୍ଲେସ୍ (ଜି.ଇ.ଏମ.) ରେ ସାମିଲ କରାଯାଇଛି, ବୁଣାକାରଙ୍କ ମୁଦ୍ରା ଯୋଜନା ପ୍ରାୟ ୩ ଲକ୍ଷ ହିତାଧିକାରୀଙ୍କୁ ସମାନ୍ତରାଳ ଭାବରେ ମୁକ୍ତ ଋଣ ପ୍ରଦାନ କରୁଛି । ଆମର ଘରୋଇ ନିର୍ମାତା, କାରିଗର ଏବଂ ନବସୃଜନକାରୀଙ୍କୁ ସିଧାସଳଖ ବିଶ୍ୱ ବଜାର ସହିତ ସଂଯୋଗ କରି, ଏହି ବ୍ୟାପକ ସଂସ୍କାର ଗୁଡ଼ିକ ଆମକୁ ଚଳିତ ସପ୍ତାହରେ ପ୍ରଦର୍ଶିତ ହେଉଥିବା ବୃହତ ବିଶ୍ୱସ୍ତରୀୟ ଅଭିବୃଦ୍ଧି ପାଇଁ ସାଂଗଠନିକ ଭାବେ ପ୍ରସ୍ତୁତ କରିଛି । ଭାରତ ମଣ୍ଡପମର ଏହି ସ୍ପନ୍ଦନଶୀଳ ପ୍ରଦର୍ଶନୀ କକ୍ଷଗୁଡ଼ିକୁ ଦେଖିଲେ, ଆମର ଦୃଷ୍ଟିକୋଣ ଏହି ବାଣିଜ୍ୟ ମେଳାର ସୀମା ବାହାରକୁ ପ୍ରସାରିତ ହୁଏ । ଭାରତର ବସ୍ତ୍ର ଶିଳ୍ପକୁ ୩୫୦ ବିଲିୟନ ଡଲାରର ଏକ ବିଶ୍ୱସ୍ତରୀୟ ଶକ୍ତିରେ ପରିଣତ କରିବା ପାଇଁ ଆମର 'ଭିଜନ ୨୦୩୦' ରୋଡମ୍ୟାପ୍ରେ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସଦୃଶ, ଯାହାକି 'ବିକଶିତ ଭାରତ ଅ୨୦୪୭' ର ଜାତୀୟ ଲକ୍ଷ୍ୟ ସହିତ ସମ୍ପୂର୍ଣ୍ଣ ଭାବେ ସଙ୍ଗତିପୂର୍ଣ୍ଣ । ଆମର ଶ୍ରମିକମାନଙ୍କର ଅଦ୍ଭୁତ ଶକ୍ତି, ଆମର ସ୍ରଷ୍ଟାମାନଙ୍କର ଅଭିନବ ଚିନ୍ତାଧାରା ଏବଂ ବିଶ୍ୱ ବୟନ ଶିଳ୍ପର ଭବିଷ୍ୟତକୁ ପ୍ରତ୍ୟକ୍ଷ କରିବା ପାଇଁ ମୁଁ ଆଗାମୀ ଚାରି ଦିନ ମଧ୍ୟରେ 'ଭାରତ ଟେକ୍ସ ୨୦୨୬' ରେ ସାମିଲ ହେବାକୁ ସମସ୍ତଙ୍କୁ ଆମନ୍ତ୍ରଣ କରୁଛି; ଯାହା ଗର୍ବର ସହ ଭାରତରେ ଡିଜାଇନ୍ କରାଯାଇଛି, ସ୍ଥାୟୀ ଭାବେ ନିର୍ମିତ ହୋଇଛି ଏବଂ ବୃହତ ସ୍ତରରେ ସମନ୍ୱିତ ହୋଇଛି ।



ଶ୍ରୀ ପବିତ୍ର ମାର୍ଗେରିଟା

*(ଲେଖକ କେନ୍ଦ୍ର ସରକାରରେ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ । ଏହି ପ୍ରବନ୍ଧରେ ପ୍ରତିଫଳିତ ମତାମତ ଲେଖକଙ୍କର ବ୍ୟକ୍ତିଗତ)*

# ଗେଟ୍‌ରେ ତାଲାପକାଇ ଧାରଣାରେ ବସିଲେ ଛାତ୍ର ଛାତ୍ରୀ ଓ ଅଭିଭାବକ



ଲଙ୍ଗଳେଶ୍ୱର(ନିପ୍ର): ସ୍କୁଲରେ ନୂତନ ପରିଚାଳନା କମିଟି ଗଠନକୁ ନେଇ ଦେଖିବାକୁ ମିଳିଛି ବିବାଦ । ପ୍ରତିବାଦରେ ଆଜି ଛାତ୍ର ଛାତ୍ରୀ ଓ ଅଭିଭାବକ ଙ୍କ ସ୍କୁଲ ଗେଟ୍ ରେ ତାଲା ପକାଇ ଧାରଣାରେ ବସିଲେ । ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ସାଉଡି ପଂଚାୟତର ସିଚକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ । ସୂଚନାରୁ ପ୍ରକାଶ ଗଣଶିକ୍ଷା ବିଭାଗ ରାଜ୍ୟର ସମସ୍ତ ସରକାରୀ ସ୍କୁଲରେ ନୂତନ ପରିଚାଳନା କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେବାସହ, କମିଟି ଗଠନର ମାର୍ଗଦର୍ଶିକା ମଧ୍ୟ ଦେଇଛନ୍ତି । ତେବେ ସରକାରଙ୍କ ମାର୍ଗଦର୍ଶିକାକୁ ଉଲଂଘନ କରି ସିଚକ ସ୍କୁଲରେ ନୂତନ ସଦସ୍ୟ ବଦଳରେ ପୁରୁଣା ସଦସ୍ୟ ମାନଙ୍କୁ ଥଇଥାନ୍ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିବା ସହ, ପୁରୁଣା କମିଟି ଦ୍ୱାରା ଆସିଥିବା ସରକାରୀ ଅନୁଦାନର ହିସାବ ନିକାସ ପାଇଁ ଅଡି ବସିଥିଲେ । ତେବେ ବେଆଇନ୍ ଭାବରେ ସ୍କୁଲ୍ କମିଟି ଗତ ଆଠ ତାରିଖ ଠାରୁ ଗଠନ ହୋଇଥିଲା ବେଳେ, ଆଜି କମିଟି ଗଠନ ବାତିଲ ପାଇଁ ସ୍କୁଲ୍ ର ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ ରେ ବସିଥିଲେ ।

# ଚାଲିଛି ଜବରଦଖଲ ଉଚ୍ଛେଦ: ଶ୍ୟାମପୁରରେ ମୁକ୍ତ ହେଲା ସରକାରୀ ଜମି



ଧାମନଗର(ନିପ୍ର): ଧାମନଗର ଅଂଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ଜବରଦଖଲ ସମସ୍ୟା ଉପରେ ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି । ଜନଗହଳି ବୃଦ୍ଧି ଏବଂ ଟ୍ରାଫିକ ସମସ୍ୟା ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବାରୁ ଜନସାଧାରଣଙ୍କ ଅଭିଯୋଗକୁ ଭିତି କରି ଧାମନଗର ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଛି । ଏହି କ୍ରମରେ, ସୋମବାର ଦିନ ଧାମନଗର ଏନଏସି ଅନ୍ତର୍ଗତ ଶ୍ୟାମପୁର ଅଂଚଳରେ ଏକ ବଡ଼ ଧରଣର ଉଚ୍ଛେଦ କାର୍ଯ୍ୟ ଅନୁଷ୍ଠିତ ହୋଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଶ୍ୟାମପୁର ମୌଜାର ପ୍ଲଟ ନମ୍ବର ୧୪୨୮ରେ ରହିଥିବା ଜବରଦଖଲକୁ ଏନଏସି କର୍ମଚାରୀ ଓ ଡୋଜର ସହାୟତାରେ ଭଙ୍ଗାଯାଇ ଜମିକୁ ମୁକ୍ତ କରାଯାଇଛି । ଏହି ଉଚ୍ଛେଦ ପ୍ରକ୍ରିୟା ସମୟରେ ଅତିରିକ୍ତ ତହସିଲଦାର ପଲ୍ଲୀ ଭାରତ ମହାଳିକ ଙ୍କ ସମେତ ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାସ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ସୁପରଭାଇଜର ଗିରିଶ ଚନ୍ଦ୍ର ନାୟକ ଏବଂ ରାଜସ୍ୱ ନିରୀକ୍ଷକ ବିକ୍ରମ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟର ତଦାରଖ କରିଥିଲେ । ଅଂଚଳବାସୀଙ୍କ ମତରେ, ଏଭଳି ଜବରଦଖଲ ଉଚ୍ଛେଦ ଦ୍ୱାରା ଆଗାମୀ ଦିନରେ ସହରର ବିକାଶମୂଳକ କାର୍ଯ୍ୟ ସହଜ ହେବ ଏବଂ ରାସ୍ତା ସମସ୍ୟାରୁ ମଧ୍ୟ ଜନସାଧାରଣ ମୁକ୍ତି ପାଇବେ । ପ୍ରଶାସନର ଏହି ପଦକ୍ଷେପକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

# ଜଗନ୍ନାଥ ଅନନ୍ୟା ସଂସ୍କୃତି ପାଳିତ

ନୂଆପଡ଼ା(ନିପ୍ର): ଜଗନ୍ନାଥ ପ୍ରଭୁଙ୍କ ମର୍ତ୍ୟ ଲୀଳା ପ୍ରକୃତରେ ପ୍ରତ୍ୟେକ ଲୋକଙ୍କ ବିଶେଷ ଭାବରେ ସ୍ୱତନ୍ତ୍ର ନୀତି ରହିଅଛି । ଅଧର ପଣା ନୀତି ଅନ୍ୟତମ ଅଟେ । ସମଗ୍ର ପଶ୍ଚିମ ଓଡ଼ିଶା ସହ ନୂଆପଡ଼ା ଜିଲ୍ଲା ରେ ପ୍ରଥମ ଥର ପାଇଁ ଏହି ନୀତି କୁ ଖଡ଼ିଆଲ ପତିତପାବନ ମନ୍ଦିର ଟ୍ରଷ୍ଟ ପକ୍ଷ ରୁ ଆରମ୍ଭ କରିବା ପାଇଁ ନିଷ୍ପତି ହୋଇଥିବା ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ ରେ ସଭାପତି ତାରାପ୍ରସାଦ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି । ବାହୁଡ଼ା ଯାତ୍ରା ଦଶମୀତିଥି ରେ ହୋଇଥିବା ବେଳେ ପତିତପାବନ ମହାପ୍ରଭୁ ରଥାରୂଢ଼ ହୋଇ ରାତ୍ରିଯାପନ କରିବେ । ଏକାଦଶୀ ତିଥିରେ ସୂର୍ଯ୍ୟାସ୍ତ ପରେ ଅଧର ପଣା ଭୋଗ ଲାଗି ହୋଇଥାଏ । ବିଶେଷ କରି ଏହି ପଣା ଭୋଗ ଦ୍ୱାରା ଅତୃପ୍ତ ଆତ୍ମାଙ୍କ ମୋକ୍ଷ ପ୍ରାପ୍ତି ସୁନିଶ୍ଚିତ ହୋଇଥାଏ । ଏହି ଗୋଟିଏ ଦିନ ଅତୃପ୍ତ ଆତ୍ମା ଯାହାଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇ ଆତ୍ମା ଘୁରି ବୁଲୁଥାଏ ସେମାନେ ଏହି ଭୋଗ ଗ୍ରହଣ କରିବା ସୁଯୋଗ ପ୍ରାପ୍ତି ହୁଏ । ସେମାନେ ମୋକ୍ଷ ପ୍ରାପ୍ତି ହୋଇଥାନ୍ତି ବୋଲି ଦୃଢ଼ ବିଶ୍ୱାସ ରହିଅଛି । ସମ୍ପାଦକ ଚନ୍ଦନ କୁମାର ସାହୁ, ଚିତ୍ରସେନ ଯୋଶୀ ସମେତ ଟ୍ରଷ୍ଟର ସଭ୍ୟା ମାନେ ଯୋଗ ଦେଇଥିଲେ ।


# ସ୍ଥାୟୀ ସମୁଦ୍ର ବନ୍ଧ ନିର୍ମାଣ କର: ମାନବ ଅଧିକାର ସୁରକ୍ଷା ମଂଚ



ବ୍ରହ୍ମପୁର(ନିପ୍ର): ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ କେ.ଆର୍ଯ୍ୟପଲ୍ଲୀ, ସାନ ଆର୍ଯ୍ୟପଲ୍ଲୀ ଓ ବଡ ଆର୍ଯ୍ୟପଲ୍ଲୀ ଗାଁ ବର୍ତମାନ ସମୁଦ୍ର କୂଳ ଲଘଂନ ଯୋଗୁଁ ସମ୍ପୂର୍ଣ୍ଣ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ତୁରନ୍ତ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ସ୍ୱରୂପ ସ୍ଥାୟୀ ସମୁଦ୍ର ବନ୍ଧ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଂଚ ଦାବି କରିବା ସହ ଉକ୍ତ ପ୍ରସଙ୍ଗରେ ଗ୍ରାମବାସୀଙ୍କ ଦ୍ୱାରା ଚାଲିଥିବା ନ୍ୟାୟୋଚିତ ଆନ୍ଦୋଳନକୁ ମଂଚ ନୈତିକ ସମର୍ଥନ ଜଣାଇଛି । ଆଜି ମଂଚ ର ଏକ ପ୍ରତିନିଧି ଦଳ ଦକ୍ଷିଣାଂଚଳ ରାଜସ୍ୱ କମିସନରଙ୍କ ସ୍ୱତନ୍ତ୍ର ସଚିବ ବିରସେନ ପ୍ରଧାନଙ୍କ ସହ ଆଲୋଚନା କରି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏହି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି କି, ଗତ ୧୫ ବର୍ଷ ମଧ୍ୟରେ ପ୍ରତି ବର୍ଷ ବାତ୍ୟା ଓ ଉଚ୍ଚ ଜୁଆର ଯୋଗୁଁ ପ୍ରାୟ ଜମି ସମୁଦ୍ର ଗର୍ଭରେ ବିଲୀନ ହୋଇ ସାରିଲାଣି । କୂଳ ନିକଟରେ ଥିବା ସଂଖ୍ୟାଧିକ ପରିବାର ବାରମ୍ବାର ଘର ଛାଡି ପଳାଇବାକୁ ବାଧ୍ୟ ହେଉଛନ୍ତି । ଚାଷ ଜମି ଲୁଣି ପାଣିରେ ନଷ୍ଟ ହୋଇଯାଉଥିବା ବେଳେ ପିଇବା ପାଣି ସମସ୍ୟା ମଧ୍ୟ ଭୟାବହ ହୋଇଛି । ମତ୍ସ୍ୟଜୀବୀମାନଙ୍କ ଜୀବିକା ସମ୍ପୂର୍ଣ୍ଣ ଭାଙ୍ଗି ପଡିଛି । ବର୍ତମାନ ପଡିଥିବା ଅସ୍ଥାୟୀ ଜିଓ ବ୍ୟାଗ୍ ଲହରୀର ଆଘାତ ସହି ପାରୁନାହିଁ । ଏହି ପ୍ରସଙ୍ଗରେ ତିନି ଗାଁର ଗ୍ରାମବାସୀ ଲଗାତାର ଭାବେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି । ସୂଚନା ଯୋଗ୍ୟ ଯେ, ଗତ ୨୦୧୨ ମସିହାରେ ଗଞ୍ଜାମ ବ୍ଲକର ପୋଡମପେଟା ଓ ଛତ୍ରପୁର ବ୍ଲକର ଉକ୍ତ ତିନୋଟି ଗ୍ରାମ ର ସୁରକ୍ଷା ପାଇଁ ମାନବ ଅଧିକାର ସୁରକ୍ଷା ମଂଚ ପକ୍ଷରୁ ସ୍ୱର ଉତୋଳନ ପରେ ଜିଲ୍ଲା ପ୍ରଶାସନ କେବଳ ଜିଓ ବ୍ୟାଗ୍ ବା ବାଲି ଛୋଟ ପଥର ମିଶ୍ରିତ ବ୍ୟାଗ୍ ରଖି ପ୍ରତିକାର ବ୍ୟବସ୍ଥା କରିଥିଲେ । କିନ୍ତୁ ବର୍ତମାନ ସମୁଦ୍ର ଲହରୀର ଆଘାତରେ ତାହା ନଷ୍ଟ ହେବା ଅବସ୍ଥାରେ । ଏହି କୂଳ ଲଂଘନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମଂଚ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି । ତିନି ଗାଁର ସମ୍ପୂର୍ଣ୍ଣ ୩ କି.ମି କୂଳରେ ତୁରନ୍ତ ରଡ ଓ ସିମେଂଟ କଂକ୍ରିଟ ସମୁଦ୍ର ବନ୍ଧ ଓ ଟି ଆକୃତିର ସମୁଦ୍ର ବନ୍ଧ ନିର୍ମାଣ କରାଯାଉ, ମ୍ୟାଙ୍ଗ୍ରୋଭ ଓ ଝାଉଁ ବନ ସୃଷ୍ଟି କରି ପ୍ରାକୃତିକ ସୁରକ୍ଷା ବ୍ୟବସ୍ଥା କରିବା, ବିପଦପୂର୍ଣ୍ଣ ଅଂଚଳର ପରିବାରଙ୍କୁ ତୁରନ୍ତ ପୁନର୍ବାସ ଓ କ୍ଷତିପୂରଣ ଦିଆଯାଉ, ଏକ ନୂତନ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯାଉ ଆଦି ଚାରି ଗୋଟି ପ୍ରମୁଖ ଦାବି ଉପସ୍ଥାପନ କରି ମଂଚ ପ୍ରତିନିଧି ଆଇନଜିବୀ ଅବନୀ ଗୟା, ସମ୍ପାଦକ ଆର.ସତ୍ୟ ନାରାୟଣ ରାଓ, ସମାଜସେବୀ ମନୋଜ କୁମାର ତରାଇ ଓ ଗୁଣନିଧି ବେହେରା କହିଛନ୍ତି ଯେ ଯଦି ତୁରନ୍ତ ସ୍ଥାୟୀ ପଦକ୍ଷେପ ନିଆ ନଯାଏ ତେବେ ଆଗାମୀ କିଛି ବର୍ଷ ମଧ୍ୟରେ ଏହି ଗାଁ ଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ସମୁଦ୍ର ଗର୍ଭରେ ଲୀନ ହୋଇଯିବାର ଆଶଙ୍କା ରହିଛି । ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ଉଚ୍ଚସ୍ତରୀୟ ଟିମ୍ ପଠାଇ ସ୍ଥଳ ପରିଦର୍ଶନ କରି ତୁରନ୍ତ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯିବାକୁ ମଂଚ ଦାବି କରିଛି ।

# ଜାତୀୟ ସାହିତ୍ୟ ମହୋତ୍ସବ ସେପ୍ଟେମ୍ବର ୨୬ରୁ ଆରମ୍ଭ

- କବି ଫନୀ ମହାନ୍ତି ଓ ପ୍ରଣବ ଛୋଟରାୟଙ୍କ ନେତୃତ୍ୱରେ ଗଠିତ ହେଲା ୫ କମିଟି



ଭୁବନେଶ୍ୱର : ସାହିତ୍ୟ ସଂସ୍କୃତି ସମାରୋହର ଆବାହନରେ ଆଜି ସନ୍ଧ୍ୟାରେ ପଂଚମ ଜାତୀୟ ସାହିତ୍ୟ ମହୋତ୍ସବର ଆୟୋଜନ ସକାଶେ ସମ୍ପାଦକ ପ୍ରଣବ ଛୋଟରାୟ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେଇଯାଇଛି । ବୈଠକରେ ସଭାପତି ଡ଼କ୍ଟର ଫନୀ ମହାନ୍ତି ଯୋଗଦେଇ ବିଗତ ବର୍ଷ ମାନଙ୍କରେ ବିଭିନ୍ନ ରାଜ୍ୟରୁ ଆସୁଥିବା କବି ମାନଙ୍କର ବିବରଣୀ ଏବଂ ସେମାନଙ୍କର ଦାୟିତ୍ୱ ସମ୍ପର୍କରେ ସୂଚନା ଦେବା ସହିତ ଚଳିତ ବର୍ଷ ୧୫ଟି ରାଜ୍ୟରୁ ପାଖାପାଖି ୨୫ଜଣ ଲେଖକ ଆସିବା ସହିତ ପଡୋଶୀ ଦେଶ ନେପାଳ, ବାଂଲାଦେଶ, ଆଫଗାନିସ୍ଥାନ ଓ ଶ୍ରୀଲଙ୍କାରୁ ମଧ ଲେଖକ ଆସିବାର କାର୍ଯ୍ୟକ୍ରମ ରଖାଯାଉଛି ବୋଲି ସୂଚନା ଦେଇଥିଲେ ।ତେବେ ପଂଚମ ଜାତୀୟ ସାହିତ୍ୟ ମହୋତ୍ସବ (ଏନଏଲଏଫ)ର ସଚିବ ଭାବେ ଡକ୍ଟର ସତ୍ୟବ୍ରତ ଜେନାଙ୍କୁ ମନୋନୀତ କରାଯାଇଥିବା ବେଳେ ଡକ୍ଟର ଜେନାଙ୍କ ଅଧକ୍ଷତାରେ ଆଜି ୫ଟି କମିଟି ଗଠନ କରାଯାଇଥିଲା । ସାହିତ୍ୟ ସଂସ୍କୃତି ସମାରୋହର ସଭାପତି ଇଂ ଗୌରଚନ୍ଦ୍ର ମହାପାତ୍ର, ଏନଏଲଏଫର ସଭାପତି ଡ଼କ୍ଟର ଫନୀ ମହାନ୍ତିଙ୍କ ସମେତ ପ୍ରଣବ ଛୋଟରାୟ, ଶ୍ରୀମତୀ ସୌଦାମିନୀ ସାମନ୍ତରାୟ, ବଟକୃଷ୍ଣ ପଣ୍ଡା, ପିତାମ୍ବର ଭୋଇ, ଶ୍ରୀମତୀ ଗାୟତ୍ରୀ ମହାରଣା, ଶ୍ରୀମତୀ ବିନୋଦିନୀ ପାତ୍ର, ଶ୍ରୀମତୀ ନିନାଦିନୀ ମହାନ୍ତି, ଶ୍ରୀମତୀ ମିନତୀ ରଥ, ଶ୍ରୀମତୀ କଳ୍ପନା ମହାରଣା,ପତିତପାବନ ପତି, ଶ୍ରୀମତୀ ଇତିଶ୍ରୀ ପତି, ସୁରଜିତ ପରିଡା, ଶ୍ରୀମତୀ ଅନୁସୟା ବାରିକ, ମିହିର କୁମାର ରଥଶର୍ମା, ଦିଲ୍ଲୀପ ମହାରଣା, ଭାରତୀ ଭୂଷଣ ପଟ୍ଟନାୟକ ପ୍ରମୁଖ ବିଭିନ୍ନ କମିଟିର ସଦସ୍ୟ ଭାବେ ମନୋନୀତ ହେଇଥିଲେ । ଶେଷରେ ବଟକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାଲୁ ଓ ମଣିଷ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣର ଦୃଶ୍ୟ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି



ନୀଳଗିରି,( ନି.ପ୍ର.)ସକାଳୁ ସକାଳୁ ଏକ ଭାଲୁ ଜନବସତିରେ ପଶିଆସିଥିବା ବେଳେ ସ୍ଥାନୀୟବାସିନ୍ଦା ଏବଂ ଭାଲୁମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣର ଦୃଶ୍ୟ ସୋସିଆଲ ମିଡିଆରେ ଘୁରିବୁଲୁଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ ଔପଦା ବ୍ଲକ୍ କାଣ୍ଡଗରଡି ପଂଚାୟତ ବଉଳଗଡିଆ ନିକଟସ୍ଥ ଶାଳପତଡା ଗ୍ରାମରେ ସୋମବାର ସକାଳ ପ୍ରାୟ ୬ଟା ସମୟରେ ଏକ ଭାଲୁ ପଶିଆସିଥିବା ବେଳେ ପଥହୁଡ଼ି ଜଙ୍ଗଲକୁ ଫେରିନପାରି ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲା । ସ୍ଥାନୀୟ ଯୁବକମାନେ ଭାଲୁକୁ ଠେଙ୍ଗାବାଡି ସାହାଯ୍ୟରେ ମାରିବାକୁ ଉଦ୍ୟମ କରୁଥିବା ବେଳେ ଭାଲୁ ମଧ ଲୋକଙ୍କୁ ପାଲଟା ଆକ୍ରମଣ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ତେବେ ଏଥିରେ କାହାର କୌଣସି କ୍ଷତିହୋଇନଥିବା ଶୁଣିବାକୁ ମିଳିଛି ।

# ଲଇକେରା ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର; ୩୨ଟି ଅଭିଯୋଗ ପଞ୍ଜୀକୃତ



ଝାରସୁଗୁଡ଼ା(ନି.ପ୍ର.) ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ଓ ସରକାରୀ ସେବାକୁ ସେମାନଙ୍କ ନିକଟରେ ପହଂଚାଇବା ଲକ୍ଷ୍ୟରେ ଲଇକେରା ବ୍ଲକ କାର୍ଯ୍ୟାଳୟଠାରେ ଆଜି ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଯୋଗଦେଇଥିଲେ । ଏଥିସହ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ଶ୍ରୀଯୁକ୍ତ ସବ୍ୟସାଚୀ ପଣ୍ଡା, ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀ ଜଜ ଡୁଙ୍ଗଡୁଙ୍ଗଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଆପତି ଅଭିଯୋଗର ପ୍ରତ୍ୟକ୍ଷ ଶୁଣାଣି କରିଥିଲେ । ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଅଂଚଳର ବହୁ ସଂଖ୍ୟକ ଜନସାଧାରଣ ନିଜ ନିଜର ସମସ୍ୟା ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଏହି ଶୁଣାଣି ଶିବିରରେ ମୋଟ ୩୨ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୨୩ଟି ବ୍ୟକ୍ତିଗତ ସମସ୍ୟା ଭିତିକ ଅଭିଯୋଗ ହୋଇଥିବା ବେଳେ ୯ଟି ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ରହିଥିଲା । ଏହି ଶିବିରରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ, ଜମି ଜମା ବିବାଦର ସମାଧାନ, ଜମି ଚିହ୍ନଟ ଏବଂ ସରକାରୀ ଜମି ପଟ୍ଟା ଆବଂଟନ ଭଳି ରାଜସ୍ୱ ସମ୍ପର୍କିତ ମାମଲା ସମ୍ବନ୍ଧୀୟ ଶୁଣାଣି କରାଯାଇଥିଲା । ଏହା ବ୍ୟତୀତ ଅଂଚଳର ପାନୀୟ ଜଳ ସମସ୍ୟାର ଦୂରୀକରଣ, ନୂତନ ନଳକୂପ ସ୍ଥାପନ ଏବଂ ଉତମ ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥାର ସୁଧାର ଭଳି ଦାବି ଉପରେ ମଧ ବିସ୍ତୃତ ଆଲୋଚନା କରାଯାଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଇମର୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟରକ୍ଷା ଓ ସାକ୍ଷରତା ସଚେତନତା ଦିବସ ପାଳିତ

କଟକ : (ନି.ପ୍ର.) କଟକ ନୟାସଡ଼କସ୍ଥିତ ଇମର୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଭାରତ ସ୍କାଉଟ୍ ଓ ଗାଇଡ୍ ?ର ରେଞ୍ଜର ଲିଡ଼ର ମଞ୍ଜୁସ୍ମିତା ବିଶ୍ୱାଳଙ୍କ ତତ୍ୱାବଧାନରେ ସ୍ୱାସ୍ଥ୍ୟରକ୍ଷା ଓ ସ୍ୱାକ୍ଷରତା ସଚେତନତା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗୀୟ ମୁଖ୍ୟ ନିବେଦିତା ମହାନ୍ତିଙ୍କ ପୌରହିତ୍ୟରେ ଏହି ସଚେତନତା ଦିବସ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ କଟକ ମହାନଗର ନାଗରିକ ମହାସଭାର [redacted]



# ବେକରୁ ସୁନା ଚେନ ଲୁଟିନେଲେ ଲୁଟେରା

ନୀଳଗିରି,( ନି.ପ୍ର.): ଆଜି ଭୋର ସମୟରେ ୭୩.ବର୍ଷୀୟା ବୃଦ୍ଧା ଙ୍କ ବେକରୁ ସୁନା ଚେନ ଲୁଟି ନେଲେ ଲୁଟେରା । ଘଟଣାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ଅଧିନ ୭ ନମ୍ବର ୱାଡ଼ ବାଲିଗୋହିରି ଗ୍ରାମର ସ୍ୱର୍ଗତ ନରେନ୍ଦ୍ର ନାଥ ବେହେରାଙ୍କ ଧର୍ମ ପତ୍ନୀ ପ୍ରଫୁଲ୍ଲବାଳା ଦେବୀ (୭୩) ଆଜି ଭୋର ୫,୧୦ମିନିଟ ସମୟରେ ଘର ଫାଟକ ଚାବି ଖୋଲିବା ପରେ ପୁରୁଣା ଘର ଚାବି ଖୋଲି ଫାଟକ ପାଖରେ ପହଂଚିଥିବା ବେଳେ ହଟାତ ବାଲିଗୋହିରି ଗ୍ରାମ ଭିତରୁ ଏକ ବାଇକ ରେ ଦୁଇ ଜଣ ଅଜ୍ଞାତ ଯୁବକ ହେଲମେଟ ପିନ୍ଧି ପ୍ରଫୁଲ୍ଲବାଳା ଦେବୀଙ୍କୁ ଜୈନିକ ଘର ମାଲିକ ଙ୍କ ଠିକଣା ପଚାରିଥିଲେ । ସେଭଳି କୌଣସି ଲୋକ ଆମ ଗାଁ ରେ ନାହାନ୍ତି ବୋଲି କହିବା ସମୟରେ ତାଙ୍କ ବେକରୁ ସୁନା ଚେନ କୁ ଚିନ୍ତାଇ କରି ନୀଳଗିରି -ଶେରଗଡ଼ ରାସ୍ତା ରେ ଫେରାର ହୋଇ ଯାଇଥିଲେ । ଏନେଇ ତାଙ୍କ ପୁଅ ସରୋଜ ଆଜି ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରି ଫେରିଛନ୍ତି । ଏଭଳି ଏକ ଅଭାବନୀୟ ଘଟଣା ପାଇଁ ଅଂଚଳରେ କକୁଆ ଭୟର ବାତାବରଣ ସୃଷ୍ଟି ହୋଇଛି ।

# ଦାସିଆ ଅଜାଙ୍କ ୧୧୯ ତମ ଜୟନ୍ତୀ ପାଳନ କଲା ପୂଜ୍ୟପୂଜା କମିଟି

ନୟାଗଡ଼(ନି.ପ୍ର.): ପାଠାଗାର ଆନ୍ଦୋଳନର ଆଗଧାଡିର ନାୟକ, ପ୍ରବାଦ ପୁରୁଷ ଦାଶରଥି ପଟ୍ଟନାୟକ (ଦାସିଆ ଅଜା)ଙ୍କ ୧୧୯ ତମ ଜୟନ୍ତୀ ଅବସରରେ ପୂଜ୍ୟପୂଜା କମିଟି, ନୟାଗଡ଼ ତରଫରୁ ଏକ ଶ୍ରଦ୍ଧାଞ୍ଜଳୀ ଓ ସ୍ମୃତି ଚାରଣ କାର୍ଯ୍ୟକ୍ରମ ନୟାଗଡ଼ ବଜାର ସ୍ଥିତ ପ୍ରତିମୂର୍ତି ନିକଟରେ ସମାପନ ହୋଇଯାଇଛି । ପୂଜ୍ୟପୂଜା କମିଟି ସଭାପତି ଶ୍ରୀ ପ୍ରଶନ୍ନ କୁମାର ବସନ୍ତିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦାସିଆ ଅଜାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ଓ ଧୁପ ଦୀପ ପ୍ରଦାନ କରାଯାଇଥିଲା । କମିଟି ର ବରିଷ୍ଠ ସଦସ୍ୟ ରାମକୃଷ୍ଣ ରଥ ସ୍ୱର୍ଗତ ଦାଶରଥି ପଟ୍ଟନାୟକଙ୍କ କୃତିତ୍ୱ ଓ ଅବଦାନ ସଂମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଦଶ ପଇସାର ରାଜା ଦାସିଆ ଅଜା ଅମର ରହେ ସ୍ଲୋଗାନ ଦେଇଥିଲେ ଉପସ୍ଥିତ ସଂସ୍କୃତି ପ୍ରେମୀ ମାନେ । ଏହି କାର୍ଯ୍ୟକ୍ରମରେ ସିଭିଲ ସୋଆଇଟ ନୟାଗଡ଼ର ଚେୟାରମ୍ୟାନ ଗୋଦାବରୀଶ ସାହୁ, ଭାଇସ ଚେୟାରମ୍ୟାନ ଭଗବତୀ ପଟ୍ଟନାୟକ, ରୋଟାରିଆନ ପୂର୍ଣ୍ଣ ଚନ୍ଦ୍ର ସାହୁ, ଭାଗିରଥି ସାହୁ, ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ସ୍କାଉଟ୍ ଛାତ୍ର ମାନେ, ଦେବଦୂତ ସଂଗଠନର ସଦସ୍ୟ ବୃନ୍ଦ, ସମାଜସେବୀ ରଞ୍ଜନ କୁମାର ଜେନା ଏବଂ ନୟାଗଡ଼ ର ଅନେକ ଯୁବ ବ୍ୟକ୍ତିତ୍ୱ ଉପସ୍ଥିତ ରହୀ ଦାସିଆ ଅଜାଙ୍କ ସ୍ମୃତି ଚାରଣ କରିଥିଲେ । କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ପୂଜ୍ୟପୂଜା କମିଟି ର ବରିଷ୍ଠ ସଦସ୍ୟ ଶ୍ରୀଧର ସାହୁ ଏବଂ ଧିରେନ୍ଦ୍ର ପଟ୍ଟନାୟକ । ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କବି ଶରତ ଚନ୍ଦ୍ର ଆଚାର୍ଯ୍ୟ ।

# ଲଇକେରାର କ୍ରୀଡ଼ାବିତଙ୍କୁ ଜିଲ୍ଲା ପ୍ରଶାସନର ସମ୍ବର୍ଦ୍ଧନା

ଝାରସୁଗୁଡ଼ା(ନି.ପ୍ର.)-ଝାରସୁଗୁଡ଼ା ଜିଲ୍ଲାର ଲଇକେରା ଓ କିର୍ମିରା ବ୍ଲକର କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଲଇକେରା ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ ଠାରେ ଅନୁଷ୍ଠିତ ହୋଇଯାଇଥିବା ୫ମ ରାଜ୍ୟସ୍ତରୀୟ ହକି ଚାମ୍ପିୟନସିପ-୨୦୨୬ରେ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିଥିବା ଲଇକେରା ଓ କିର୍ମିରା ବ୍ଲକର କୃତୀ କ୍ରୀଡ଼ାବିତ ମାନଙ୍କୁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମାନପତ୍ର ପ୍ରଦାନ ପୁର୍ବକ ସମ୍ବର୍ଦ୍ଧିତ କରିଛନ୍ତି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଲଇକେରା ଓ କିର୍ମିରା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ସମୁଦାୟ ୫୪ ଜଣ ପ୍ରତିଭାବାନ ହକି ଖେଳାଳିଙ୍କୁ ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ସଫଳ ଅଂଶ ଗ୍ରହଣ ପାଇଁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି ।

ଏହି ଅବସରରେ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ କ୍ରୀଡ଼ାବିତମାନଙ୍କୁ ପ୍ରଶଂସା କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଆଗାମୀ ଦିନରେ ଜିଲ୍ଲା ତଥା ରାଜ୍ୟ ପାଇଁ ସୁନାମ ଆଣିବା ସହ ପଦକ ଜିତିବା ଆମର ମୂଳ ଲକ୍ଷ ହେବା ଉଚିତ । ଜିଲ୍ଲାର ଖେଳାଳି ମାନଙ୍କୁ ସମସ୍ତ ପ୍ରକାର ଆନୁଷାଙ୍ଗିକ ସହାୟତା, ଉନ୍ନତ ପ୍ରଶିକ୍ଷଣ ଏବଂ ଆଧୁନିକ କ୍ରୀଡ଼ା ଭିତିଭୂମି ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ସଦାସର୍ବଦା ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି । ହ-କଟାପାଲି ସ୍ଥିତ ହକି ଷ୍ଟାଡ଼ିୟମର ନୁତନ ଟର୍ଫ କାମ ଶେଷ ପର୍ଯାୟରେ ଥିବା ବେଳେ ଯଥା ଶୀଘ୍ର ଗ୍ୟାଲେରୀ କାମ ଆରମ୍ଭ ହେବ ବୋଲି ପ୍ରତିଶୃତି ଦେଇଛନ୍ତି । ଗତ ଏପ୍ରିଲ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ବିଶ୍ୱସ୍ତରୀୟ ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ ଠାରେ ଅନୁଷ୍ଠିତ ଏହି ଚାମ୍ପିୟନସିପରେ ଲଇକେରା ଓ କିର୍ମିରା ବ୍ଲକର ଏସ.ଏସ.ଡ଼ି ଅର୍ଡ଼ା ବିଦ୍ୟାଳୟ,ଓଡିଶା ସୈନିକ ବ୍ରିଗେଡ଼ ସ୍କୁଲ ଅର୍ଡ଼ା,ଏସ.ଏସ.ଡ଼ି ବିଦ୍ୟାଳୟ ସୋଡ଼ାମାଲ,ଏକଲବ୍ୟ ମଡେଲ ସ୍କୁଲ କିର୍ମିରା,ପି.ଏମ.ଶ୍ରୀ କେ.ବି.ଜେ ସରକାରୀ ବିଦ୍ୟାଳୟ ଲଇକେରା ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନର ଖେଳାଳି ମାନେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି,ଲଇକେରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗଡୁଙ୍ଗ,ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ କୁମାର ବାଘ,ପି.ଏମ.ଶ୍ରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ପଟେଲ,ଶାରିରୀକ ଶିକ୍ଷା ଶିକ୍ଷକ ଜିତେନ୍ଦ୍ର ନାଥ ମହାନ୍ତ, ଏସ.ଏସ.ଡ଼ି ସୋଡ଼ାମାଲ ଶାରିରୀକ ଶିକ୍ଷକ ବସନ୍ତ କୁମାର ବେହେରା,ଓଡିଶା ସୈନିକ ବ୍ରିଗେଡ଼ ସ୍କୁଲର ନାରାୟଣ ତମାଙ୍ଗ,ହକି ମ୍ୟାନେଜର ଭାବରେ ସୁଶ୍ରୀ ଗିତାଞ୍ଜଳି ମହାନ୍ତ,ହକି ପ୍ରଶିକ୍ଷକ ପ୍ରଫୁଲ କୁଲ୍ଲୁ ଓ ଡ଼ିଫୋର ଟେଟେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।



# ସୁସ୍ଥ ହେଲେ ମହାବାହୁ: ଘୋଷଯାତ୍ରା ପାଇଁ ତୃତୀୟ ଶ୍ରୀକ୍ଷେତ୍ର ଚଳଚଂଚଳ



ନୀଳଗିରି (ନି.ପ୍ର.) ସ୍ନାନପୂର୍ଣ୍ଣିମାରେ ୧୦୮ଗରା ଜଳରେ ସ୍ନାନକରି ଜ୍ୱରରେ ପୀଡିତ ହୋଇ ଅଣବସରରେ ଥିଲେ ଚତୁର୍ଦ୍ଧାମୂର୍ତୀ । ସେବାୟତଙ୍କ ସେବାଯତ୍ନ ପରେ ଆଜି ସୁସ୍ଥହୋଇଛନ୍ତି ଶ୍ରୀଜୀଉ । ସୁସ୍ଥହେଲା ପରେ ରାଜପ୍ରସାଦ ଯାଇ ନୀଳଗିରିର ରାଜା ଜୟନ୍ତଚନ୍ଦ୍ର ମର୍ଦ୍ଦରାଜ ଏବଂ ରାଣୀ ମନୋଜାମଞ୍ଜରୀ ଦେବୀଙ୍କୁ ଭେଟି ସୁସ୍ଥଖବର ଜଣାଇଛନ୍ତି ଜଗନ୍ନାଥ ମନ୍ଦିରର ସେବାୟତ । ଶ୍ରୀଜିଉଙ୍କ ଅଣବସରର ଦ୍ୱାଦଶୀତିଥି ଅବସରରେ ଚାଲିଥିଲା ରାଜପ୍ରାସାଦ ବିଜେ ନୀତି । ଚତୁର୍ଦ୍ଧାମୂର୍ତିଙ୍କ ଗୁପ୍ତ ଉପଚାର ପରେ ଜ୍ୱରରେ ପୀଡ଼ିତ ଶ୍ରୀଜିଉ ଏବେ ସମ୍ପୂର୍ଣ୍ଣ ସୁସ୍ଥ । ମହାପ୍ରଭୁଙ୍କ ନବଯୌବନପ୍ରାପ୍ତି ପୂର୍ବରୁ ଅଣସର ପିଣ୍ଡିରେ ଚାଲିଥିଲା ଗୋପନ ସେବା । ମହାପ୍ରଭୁଙ୍କ ଅଣସର ନୀତି ଚକାଉପରେ ସଂପନ୍ନ ହୋଇଥିଲା । ବିଳମ୍ବିତ ରାତିରେ ମହାପ୍ରଭୁଙ୍କ ସର୍ବାଙ୍ଗ ଚନ୍ଦନନୀତି ଅନୁଷ୍ଠିତ ହୋଇଯାଇଛି । ଚକାଉପରେ ବିଜେ ଅବସ୍ଥାରେ ମହାପ୍ରଭୁ ନାଲିରଙ୍ଗର ବସ୍ତ୍ର ପରିଧାନ କରିଛନ୍ତି । ସନ୍ଧ୍ୟା ଆରତି ନୀତି ସଂପନ୍ନପରେ ଅସୁସ୍ଥ ମହାପ୍ରଭୁ ସୁସ୍ଥ ଅନୁଭବ କରୁଛନ୍ତି । ମହାପ୍ରଭୁଙ୍କ ପସନ୍ଦର ତୁଳସୀ ବି ଶ୍ରୀଅଙ୍ଗରେ ଲାଗି ହୋଇଥିବା କହିଛନ୍ତି ସେବାୟତ । ଦ୍ୱେ ମଙ୍ଗଳବାର ଦିନ ଶ୍ରୀ ଜୀଉ ଙ୍କ ନବଯୌବନ ଦର୍ଶନ କରିବେ ଶ୍ରଦ୍ଧାଳୁ । ପରେ ନେତ୍ର ଉତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ବ୍ରହ୍ମା ପୁଣ୍ୟଶ୍ଳୋକ ନନ୍ଦ, ବ୍ରହ୍ମା ସରୋଜ କୁମାର ନନ୍ଦ, ବ୍ରହ୍ମା ଦେବେନ୍ଦ୍ର କୁମାର ନନ୍ଦ, ରୂପେଶ ଶତପଥୀ,ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାଜଗୁରୁ ରବୀନ୍ଦ୍ର ମହାପାତ୍ର, ପ୍ରହରାଜ ହରନାରାୟଣ ନନ୍ଦ, ପୂଜକ ହରିବନ୍ଧୁ କର,ସଞ୍ଜିତ ଆଚାର୍ଯ୍ୟ, ଚୂନରାସେବକ ଦେବାଶିଷ ଦାଶ, ଖୁଂଟିଆସେବକ ଖଗେନ୍ଦ୍ର ବେହେରା, ଦିହୁଡୀ ସେବକ ଉପେନ୍ଦ୍ର ଦାଶ, ଠାକୁରମହଲ କର୍ମଚାରୀ ରମେଶ ଦାସ, ନିରଞ୍ଜନ ମହାପାତ୍ର, ରଶ୍ମିରଞ୍ଜନ ରାଉତ, ରଶ୍ମିରଞ୍ଜନ କର, ନବକିଶୋର ପରିଛା, ଶୁକୁରାଦାସବାବୁ, ଘଂଟୁଆ, କାହାଳିଆ, ଛତ୍ରଧାରୀ, ତ୍ରାସଧାରୀ, ପାଲିଙ୍କିଆ, ବାଜାଦାର ଏବଂ ସମସ୍ତ ସେବାନିଯୋଗ ଓ ଅବସରପ୍ରାପ୍ତର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ ଘଟଣାର ତଦନ୍ତ କଲେ ୭ଜଣିଆ ଟିମ

ସୋର,(ନି.ପ୍ର.) ସୋର କଲେଜ ଛକରେ ଥିବା ଏକ ଘରୋଇ ମେସରେ ରହି ପାଠ ପଢୁଥିବା ଜଣେ ଛାତ୍ରଙ୍କର ଗତ ୧୧ ତାରିଖରେ ପୋଖରୀରେ ବୁଡି ମୃତ୍ୟୁ ହୋଇଥିଲା । ଏନେଇ ଖବର ପ୍ରକାଶିତ ହେବା ପରେ ଆଜି ବିଭିନ୍ନ ବିଭାଗରୁ ୭ଜଣିଆ ଟିମ ମିଳିତ ଭାବେ ଉକ୍ତ ମେସରେ ତଦନ୍ତ କରିଛନ୍ତି । ସୋର ଥାନା କେଦାରପୁର ପଂଚାୟତ କଂଟାବାଙ୍କି ଗ୍ରାମର ଶ୍ରୀଧର ନାୟକଙ୍କ ବଡପୁଅ ସତ୍ୟବ୍ରତ ନାୟକ(୧୯) । ସତ୍ୟବ୍ରତ ସୋର କଲେଜ ଛକରେ ଥିବା ବ୍ରାଇଟ ମେସରେ ରହିବା ସହିତ ସୋର ଉପେନ୍ଦ୍ର ନାଥ କଲେଜରେ କଳା ବିଭାଗ ଯୁକ୍ତ ୩ର ଶେଷ ବର୍ଷରେ ପାଠ ପଢୁଥିଲେ । ୧୧ତାରିଖ ସକାଳେ ମେସ ନିକଟରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ସେଠାରେ ବୁଡିଯାଇଥିଲେ । ମେଶ କର୍ତୃପକ୍ଷ ଡାକ୍ତରଖାନା ନେବା ପରିବର୍ତେ କିଛି ସମୟ ମେଶରେ ରଖି ପ୍ରାଥମିକ ଚିକିତ୍ସା ଯୋଗାଇଥିଲେ । ପରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୋର ଡାକ୍ତରଖାନାକୁ ନିଆଯାଇଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଂଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ସୋର କଲେଜ ଛକରେ ଗଢି ଉଠିଥିବା ଅନେକ ଘାରୋଇ ମେସର କର୍ତୃପକ୍ଷଙ୍କ ଅବହେଳା ପାଇଁ ବିଭିନ୍ନ ସମୟରେ ଛାତ୍ରଛାତ୍ରୀ ମାନେ ଅନେକ ଅସୁବିଧାକୁ ସମ୍ମୁଖୀନ ହେଉଛନ୍ତି । ଗତ କିଛିଦିନ ତଳେ ବାସୁଦେବପୁର ଅଂଚଳର ଜଣେ ଛାତ୍ର ସେନା ପାଇଁ ତାଲିମ ନେଉଥିବା ବେଳେ ପୋଖରୀରେ ବୁଡି ମୃତ୍ୟୁବରଣ କରିଥିଲେ । ମେସ କର୍ତୃପକ୍ଷଙ୍କ ଅବହେଳା ପାଇଁ ବାରମ୍ବାର ଏପରି ଅଘଟଣ ଘଟୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା ।ଏନେଇ ଆଜି ମଧ୍ୟାହ୍ନରେ ସୋର ତହସିଲଦାର କୃଷ୍ଣମୋହନ ସିଂହଙ୍କ ନେତୃତ୍ୱରେ ସୋର ଅଗ୍ନିଶମ ବିଭାଗର ଅଧିକାରୀ ଜମୁନା ପ୍ରସାଦ ମହନ୍ତ,ସୋର ସିଡିପିଓ ହାରାମଣୀ ନାଏକ,ଏବିଓ ସୋମନାଥ ଦାସ, ସୋର ଡାକ୍ତରଖାନାର ଡାକ୍ତର , ସୋର ବ୍ଲକ ଡବ୍ଲୁଇଓ ଟାଟା ପାୱାରର ଅଧିକାରୀ ମିଳିତ ଭାବେ ଉକ୍ତ ମେସରେ ପହଂଚି ଘଟଣାର ତଦନ୍ତ କରିଥିଲେ । ପରେ ଏହି ମେସର ନକିଟରେ ଥିବା ପିନାକିଲ ଏକାଡେମୀ ଓ ସାନଭି ଲେଡିସ ମେସରେ ଚଢ଼ାଉ କରାଯାଇଥିଲା । ଏହି ସମୟରେ ମେସରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୋଇଥିଲା । ଆଗାମୀ ଦିନରେ ସୋର କଲେଜ ଛକରେ ଥିବା ସମସ୍ତ ମେସ ଓ ଟ୍ୟୁଟରିଆଲ ଗୁଡିକରେ ଚଢାଉ କରାଯାଇ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ତହସିଲଦାର ଶ୍ରୀ ସିଂହ କହିଛନ୍ତି ।

# ସ୍ତ୍ରୀ' କୁ ପାଇବା ପାଇଁ ସ୍ୱାମୀ କୋର୍ଟର ଦ୍ୱାରସ୍ଥ

କଟକ: (ନି. ପ୍ର.) ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀ ସୁରକ୍ଷା ପାଇଁ ସରକାର ଅନେକ ଆଇନ ତିଆରି କରିଛନ୍ତି ; କିନ୍ତୁ ଆଜିର ନାରୀ ଆଇନର ଅପବ୍ୟବହାର କରି ନାରୀରୁ ନିଆଁ ସାଜି ନିଜ ପରିବାରକୁ ଜାଳି ପୋଡ଼ି ପାଉଁଶ କରିଦେବା ପାଇଁ ପଛାଉ ନାହିଁ । ଅନ୍ୟର କୁମନ୍ତ୍ରଣାରେ ବାଟ ହୁଡ଼ି ନିଜେ ଗଢ଼ିଥିବା ନିଜ ସୁନା ସଂସାରକୁ ଭାଙ୍ଗି ରୁଜି ଚୁରମାର କରିଦେଉଛି । ନିଜ ସ୍ୱାମୀକୁ ପରିତ୍ୟାଗ କରିବା ପାଇଁ ନିଜ ଗର୍ଭରେ ଥିବା ସନ୍ତାନର ଭୃଣକୁ ନଷ୍ଟ କରି ଦେଉଛି । ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଆମକୁ । ଘଟଣା ଏହିଯେ ଚୌଦ୍ୱାର ଥାନା ଅନ୍ତର୍ଗତ କପଳେଶ୍ୱର ନୂଆସାହିର ବାବନ ରାମ ଭର୍ ଙ୍କ ପୁଅ କିଶୋର ରାମ ଭର୍ ଙ୍କର ଆଠଗଡ ଅନ୍ତର୍ଗତ ଅଶୋକ ନଗର ବୀର କିଶୋରପୁରର ପୁରୁଷୋତମ ମଲ୍ଲିକଙ୍କ ଝିଅ ଇପ୍ସିତା ମଲିକଙ୍କ ସହିତ ଦେଖାହୋଇଥିଲା ଏକ ବସରେ ୨୦୧୮ମସିହାରେ । ଦେଖାହେବା ପରେ ପ୍ରେମ ହେଲା । ପ୍ରେମ ପରେ ଉଭୟ ପରିବାରଙ୍କ ସହିତ ଗଢ଼ି ଉଠିଲା ନିବିଡ଼ ସମ୍ପର୍କ । ଇପ୍ସିତାଙ୍କ ଘରର ଅସୁବିଧା ଓ ସୁବିଧାରେ ସହାୟ ହେଲେ କିଶୋର ରାମ୍ । ଇପ୍ସିତାର ପାଠ ପଢା ଏବଂ ଚାକିରି ପାଇଁ ଯାହା ଟଙ୍କା ଦରକାର ହେଲା କିଶୋର ଦେଉଥିଲେ । ଉଭୟ ତା -୧୧- ୦୭-୨୪ରିଖରେ ରେଜିଷ୍ଟ୍ରି ମ୍ୟାରେଜ୍ କରି ଇପ୍ସିତା ଚାକିରି କରୁଥିବା ପାଖାପାଖି ଅଂଚଳରେ ରହୁଥିଲେ । ସେହି ରହିବା ଭିତରେ ଇପ୍ସିତା ହେଲେ କିଶୋରଙ୍କ ଔରସରେ ଗର୍ଭବତୀ ଡାକ୍ତରୀ ଟେଷ୍ଟରୁ ଜଣାପଡ଼ିଲା।। ବୈଦିକ ବିବାହ ନ ହୋଇଥିବାରୁ ଦୁହେଁ ମନ୍ଦିରରେ ବିବାହ କରିବେ ବୋଲି ତା -୨୦- ୧୧-୨୪ରିଖରେ ସ୍ଥିର କରିଥିବାବେଳେ ଇପ୍ସିତା ସେହିଦିନ କେଉଁଆଡେ ନିଖୋଜ ହୋଇଗଲେ । ସେହି ୨୦ ତାରିଖ ରେ ସ୍ତ୍ରୀ ହଜି ଯାଇଥିବା କାରଣରୁ କିଶୋର ,ଚୌଦ୍ୱାର ଥାନାରେ ଏଫ୍ ଆଇ ଆର୍ ଦେଇଥିଲେ କେଶ୍ ନଂ ୦୦୮୫/୨୪ । ମାତ୍ର ଦୁଃଖର କଥା ଏହି ଯେ ଇପ୍ସିତା ନିଆଳି ଥାନାରେ ତା - ୨୫-୧୧ - ୨୪ ରିଖରେ ଏଫ୍ ଆଇ ଆର୍ ଦେଇଛନ୍ତି ଯେ କିଶୋର ରାମଙ୍କ ସହିତ ତାଙ୍କର କୌଣସି ସମ୍ପର୍କ ନଥିଲା । ତାଙ୍କ ସହିତ ବିବାହ ମିଥ୍ୟା କେଶ୍ ନଂ ୦୪୪୭/୨୪ ।ତାପରେ କିଶୋର ଜାଣିବାକୁ ପାଇଲେ ଯେ ଇପ୍ସିତା ତାଙ୍କ ଗର୍ଭ ନଷ୍ଟ କରିଦେଇଛନ୍ତି । ଏହି ଭୃଣ ହତ୍ୟା ହୋଇଥିବାରୁ କିଶୋର ମଧ ଚୌଦ୍ୱାର ଥାନାରେ ଏଫ୍ ଆଇ ଆର୍ ଦେଇଥିଲେ ଯାହାର କେଶ୍ ନଂ ୨୫୯/୨୫ । ତେବେ ପ୍ରଶ୍ନ ଉଠୁଛି ଯେ ଇପ୍ସିତା କାହିଁକି ତାଙ୍କ ବାହାଘରକୁ ସ୍ୱୀକାର କରୁନାହାନ୍ତି, କାହିଁକି ନିଜ ଗର୍ଭ ନଷ୍ଟ କରି ମାନୁ ନାହାନ୍ତି, ଏହା ପଛରେ କଣ ରହସ୍ୟ ଲୁଚି ରହିଛି ? କିଶୋର ପାଖରେ ସମସ୍ତ ପ୍ରମାଣପତ୍ର ରଖି ଆଇନର ଆଶ୍ରୟ ନେଇଛନ୍ତି । ଦେଖିବାର ବାକି ଅଛି ଏ ନିର୍ଯାତିତ ପୁରୁଷକୁ ନ୍ୟାୟ ମିଳିବ କେବେ ଭ୍ରୁଣ ହତ୍ୟାର ଦଣ୍ଡ ଅଭିଯୁକ୍ତକୁ କେବେ ମିଳିବ ? କିଶୋର ରାମ ତାଙ୍କ ସ୍ତ୍ରୀକୁ କେବେ ଫେରି ପାଇବେ ?

# ଆସନ୍ତା ୧୭ରେ ପଞ୍ଜାବ ଗସ୍ତ କରିବେ ପ୍ରଧାନମନ୍ତ୍ରୀ



ଚଣ୍ଡିଗଡ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚଣ୍ଡିଗଡ଼ ଏବଂ ପଞ୍ଜାବ ଗସ୍ତ ପୂର୍ବରୁ ସୁରକ୍ଷା ଏଜେନ୍ସିଗୁଡ଼ିକ ହାଇ ଆଲର୍ଟରେ ଅଛନ୍ତି । ଚଣ୍ଡିଗଡ଼ ଏବଂ ମୋହାଲିର ଅନେକ ସ୍କୁଲକୁ ଆଉ ଏକ ଧମକପୂର୍ଣ୍ଣ ଇମେଲ୍ ପଠାଯାଇଛି, ଯେଉଁଥିରେ ୧୭ ଜୁଲାଇରେ ଚଣ୍ଡିଗଡ଼ ଏବଂ ଜଳନ୍ଧରର ବିଭିନ୍ନ ସ୍ଥାନରେ ବୋମା ବିସ୍ଫୋରଣ କରିବାକୁ ଧମକ ଦିଆଯାଇଛି । ପ୍ରଧାନମନ୍ତ୍ରୀ ମୋଦି ୧୭ ଜୁଲାଇରେ ପଞ୍ଜାବ ଗସ୍ତ କରିବେ ଏବଂ ଜଳନ୍ଧର କ୍ୟାଂଟ ରେଳ ଷ୍ଟେସନ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଇମେଲ୍ ଚଣ୍ଡିଗଡ଼ ଏବଂ ମୋହାଲିର ସ୍କୁଲଗୁଡ଼ିକୁ ଟାର୍ଗେଟ କରିବା ସହିତ ମୋହାଲି ମେୟରଙ୍କ କାର୍ଯ୍ୟାଳୟକୁ ମଧ୍ୟ ଟାର୍ଗେଟ କରିବ ବୋଲି ଧମକ ଦେଇଛି । ଏହା ଜଳନ୍ଧର ଏବଂ ଚଣ୍ଡିଗଡ଼ ରେଳ ଷ୍ଟେସନରେ ଆଇଇଡି ବିସ୍ଫୋରଣ କରିବାକୁ ମଧ୍ୟ ଧମକ ଦେଇଛି । ଏହି ଇମେଲ୍ ମଧ୍ୟ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ରଭନୀତ ସିଂହ ବିଟ୍ଟୁଙ୍କୁ ହତ୍ୟା କରିବାକୁ ଧମକ ଦେଇଛି । ଏହା ପଞ୍ଜାବର ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଲିରେ ଯୋଗ ନ ଦେବାକୁ ଚେତାବନୀ ଦେଇଛି । ଏହି ଧମକ ପରେ, ପୋଲିସ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ମାମଲାକୁ ଗମ୍ଭୀରତାର ସହ ନେଇଛନ୍ତି ଏବଂ ତଦନ୍ତ ଆରମ୍ଭ କରିଛନ୍ତି । ସ୍କୁଲ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି । ଚଣ୍ଡିଗଡ଼ ଏବଂ ମୋହାଲିର ସ୍କୁଲଗୁଡ଼ିକୁ ଗତ କିଛି ଦିନ ମଧ୍ୟରେ ଅନେକ ଥର ସମାନ ଧମକପୂର୍ଣ୍ଣ ଇମେଲ୍ ମିଳିଛି । ଜାରି ରହିଥିବା ଧମକ ଯୋଗୁଁ ସୁରକ୍ଷା ଏଜେନ୍ସିଗୁଡ଼ିକ ପୂର୍ବରୁ ହାଇ ଆଲର୍ଟରେ ଅଛନ୍ତି ।

# ବଙ୍ଗୋପସାଗରରେ ସୃଷ୍ଟି ହେଉଛି ଘୂର୍ଣ୍ଣିବଳୟ : ରଥଯାତ୍ରା ବେଳକୁ ବଢ଼ିବ ବର୍ଷାର ପରିମାଣ




ଭୁବନେଶ୍ୱର: ଗତ କିଛି ଦିନ ଧରି ରାଜ୍ୟର ବିଭିନ୍ନ ଅଂଚଳରେ ଅସରାଏ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବା ବେଳେ, ଆଗକୁ ଓଡ଼ିଶା ଆଡ଼କୁ ମାଡି ଆସୁଛି ଲଘୁଚାପ । ଏହା ପ୍ରଭାବରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷା ହୋଇପାରେ । ବେଶି ବର୍ଷିବ ଉତର ଓଡ଼ିଶାରେ । ସୋମବାର ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ବା ଉତର-ପୂର୍ବ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ । ଏହା ପ୍ରଭାବରେ ରାଜ୍ୟରେ ବର୍ଷା ପରିମାଣ ବଢ଼ିବ । ଉତର ଓଡ଼ିଶା ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଭାରି ବର୍ଷା ଆଶଙ୍କା ଅଛି । ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ାରେ ପ୍ରବଳ ବର୍ଷା ହୋଇପାରେ । ଉପକୂଳ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ମଧ୍ୟ ବର୍ଷା ସମ୍ଭାବନା ଅଛି । ବର୍ଷା ପାଗ ସତ୍ୱେ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗରମ ଓ ଗୁଳୁଗୁଳି ଅନୁଭୂତ ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ରଥଯାତ୍ରା ବେଳକୁ ବଢ଼ିବ ବର୍ଷାର ପରିମାଣ । ୧୪ ବା ୧୫ ତାରିଖ ବେଳକୁ ଘୂର୍ଣ୍ଣିବଳୟ ଘନୀଭୂତ ହୋଇ ଲଘୁଚାପ ରୂପ ନେବ ବୋଲି ସୋଆ ଜଳବାୟୁ ଓ ପରିବେଶ କେନ୍ଦ୍ର ନିର୍ଦ୍ଦେଶକ ଡ. ଶରତ ସାହୁ କହିଛନ୍ତି । ତେବେ ୧୫ ତାରିଖ ପରେ ରାଜ୍ୟର ବିସ୍ତୃତ ଅଂଚଳରେ ବର୍ଷା ପରିମାଣ ବଢ଼ିବ ବୋଲି ସେ ପୂର୍ବାନୁମାନ କରିଛନ୍ତି । ଗତ ୨୪ ଘଂଟାରେ ଜଗତ୍ ?ସିଂହପୁର ଓ ପୁରୀରେ ସ୍ୱଳ୍ପ ବର୍ଷା ହୋଇଛି ।



# କିଙ୍ଗ ଜର୍ଜ ମେଡିକାଲ୍ ୟୁନିଭର୍ସିଟିର ୨୨ତମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଲେ ରାଜନାଥ ସିଂ

ଲକ୍ଷ୍ନୌ : କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସୋମବାର ଲକ୍ଷ୍ନୌରେ କିଙ୍ଗ ଜର୍ଜ ମେଡିକାଲ୍ ୟୁନିଭର୍ସିଟି (କେଜିଏମୟୁ)ର ୨୨ତମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ । ତାଙ୍କ ଅଭିଭାଷଣରେ ସେ କହିଛନ୍ତି ଯେ ଆଜି ଭାରତ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦ୍ରୁତ ଗତିରେ ଆତ୍ମନିର୍ଭରଶୀଳ ହେବା ଆଡକୁ ଅଗ୍ରସର ହେଉଛି ଏବଂ ଚିକିତ୍ସା ଗବେଷଣାରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ଗତ ୧୨ ବର୍ଷ ମଧ୍ୟରେ ଭାରତର ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି । ପୂର୍ବରୁ ଗୁରୁତର ରୋଗର ଚିକିତ୍ସା ଲୋକଙ୍କ ଆର୍ଥିକ ପରିସ୍ଥିତିକୁ ପ୍ରଭାବିତ କରୁଥିଲା, କିନ୍ତୁ ବର୍ତ୍ତମାନ, ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ, ଯୋଗ୍ୟ ହିତାଧିକାରୀମାନେ ମାଗଣା ଚିକିତ୍ସା ପାଉଛନ୍ତି । ସେ କହିଛନ୍ତି ଯେ ସରକାରଙ୍କ ଲକ୍ଷ୍ୟ କେବଳ ଚିକିତ୍ସା ଯୋଗାଇବା ନୁହେଁ ବରଂ ଏକ ସୁଲଭ, ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସୃଷ୍ଟି କରିବା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଭାରତର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପୂର୍ବ ଅପେକ୍ଷା ଅଧିକ ଆତ୍ମନିର୍ଭରଶୀଳ, ସୁଲଭ, ସୁଲଭ, ଆଧୁନିକ ଏବଂ ଲୋକକୈନ୍ଦ୍ରିକ ହୋଇଛି । ରାଜନାଥ ସିଂହ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ଗତ ନଅ ବର୍ଷ ମଧ୍ୟରେ ଉତର ପ୍ରଦେଶରେ ସ୍ୱାସ୍ଥ୍ୟସେବା ଯଥେଷ୍ଟ ଉନ୍ନତ ହୋଇଛି । ୨୦୧୭ ପୂର୍ବରୁ, ଉତର ପ୍ରଦେଶରେ କେବଳ ୧୭ଟି ମେଡିକାଲ କଲେଜ ଥିଲା, ଯେତେବେଳେ ଆଜି ୮୧ଟି ମେଡିକାଲ କଲେଜ ଚାଲିଛି । ଏହା ବ୍ୟତୀତ, ଦୁଇଟି ଏମ୍ସ ମଧ୍ୟ କାର୍ଯ୍ୟକ୍ଷମ । ଉତର ପ୍ରଦେଶ ଏବେ 'ଗୋଟିଏ ଜିଲ୍ଲା, ଗୋଟିଏ ମେଡିକାଲ କଲେଜ' ଧାରଣାରୁ ଆଗକୁ ବଢ଼ିଛି ।



# ନିଜ ଜିଲ୍ଲାରେ ରହିପାରିବେନି ବନ ଅଧିକାରୀ : ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ

ଭୁବନେଶ୍ୱର: ବନ ଅଧିକାରୀଙ୍କ ପାଇଁ ଆସିଲା କଡ଼ା ନିୟମ । ଏଣିକି ନିଜ ଜିଲ୍ଲାରେ ରହିପାରିବେନି ବନ ଅଧିକାରୀ । ବନ ବିଭାଗର ବଦଳି ନିର୍ଦ୍ଦେଶକୁ କେତେକ ଅଧିକାରୀ ପାଳନ କରିବାରେ ବିଳମ୍ବ କରୁଥିବା ପ୍ରସଙ୍ଗରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଂଟିଆ ଏକ ବୟାନ ଜାରି କରିଛନ୍ତି । ସେ କହିଛନ୍ତି, ବଦଳି ନିର୍ଦ୍ଦେଶକୁ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ ପ୍ରିନ୍ସିପାଲ୍ ଚିଫ୍ କନ୍‌ଜର୍ଭେଟର ଅଫ୍ ଫରେଷ୍ଟ ପକ୍ଷରୁ କଡ଼ା ସତର୍କବାଣୀ ଜାରି କରାଯାଇଛି । ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ନୂଆ ସରକାର କ୍ଷମତାକୁ ଆସିବା ପରେ ରେଞ୍ଜର, ଏସିଏଫ ଓ ଡିଏଫଓ ସ୍ତରର ଅଧିକାରୀମାନେ ନିଜ ଜନ୍ମ କିମ୍ବା ଘର ଜିଲ୍ଲାରେ କାର୍ଯ୍ୟରତ ରହିପାରିବେ ନାହିଁ ବୋଲି ସରକାର ନୀତି ପ୍ରଣୟନ କରିଥିଲେ । ସେହି ନୀତି ଅନୁଯାୟୀ ବଦଳି ଆଦେଶ ଜାରି କରାଯାଇଥିଲା । ତେବେ କେତେକ ଅଧିକାରୀ ଏପର୍ଯ୍ୟନ୍ତ ରିଲିଭ୍ ନହୋଇ ବିଳମ୍ବ କରୁଥିବାରୁ ଚଉଉର ସେମାନଙ୍କୁ ସତର୍କ କରିଛନ୍ତି । ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ବଦଳି ପ୍ରକ୍ରିୟାରେ କୌଣସି ରାଜନୈତିକ ଚାପ କିମ୍ବା ସୁପାରିସକୁ ପ୍ରଶ୍ରୟ ଦିଆଯିବ ନାହିଁ । ଅଧିକାରୀମାନେ ରାଜନୈତିକ ବ୍ୟକ୍ତିଙ୍କ ମାଧ୍ୟମରେ ଚାପ ସୃଷ୍ଟି କରିବାରୁ ବିରତ ରହିବାକୁ ସେ ପରାମର୍ଶ ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ଏପର୍ଯ୍ୟନ୍ତ ପ୍ରାୟ ୭୫ ପ୍ରତିଶତ ଅଧିକାରୀଙ୍କୁ ରିଲିଭ୍ କରାଯାଇସାରିଛି । ଯେଉଁମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା କିମ୍ବା ବିଶେଷ ବ୍ୟକ୍ତିଗତ ଅସୁବିଧା ରହିଛି, ସେମାନଙ୍କ ଆବେଦନକୁ ବିଭାଗ ପକ୍ଷରୁ ପୃଥକ ଭାବେ ସମୀକ୍ଷା କରାଯାଉଛି ।



# ଅମୃତ ଭାରତ ଷ୍ଟେସନ ଯୋଜନାରେ କେସିଙ୍ଗା ରେଳ ଷ୍ଟେସନକୁ ଆଧୁନିକୀକରଣ କରାଯାଇଛି

ଭୁବନେଶ୍ୱର : ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଓଡ଼ିଶାର କଳାହାଣ୍ଡି ଜିଲ୍ଲାର କେସିଙ୍ଗା ରେଳ ଷ୍ଟେସନକୁ ଏକ ଆଧୁନିକ, ସୁଗମ ଏବଂ ଯାତ୍ରୀ ଅନୁକୂଳ ରେଳ ଷ୍ଟେସନରେ ପରିଣତ କରାଯାଇଛି । ପ୍ରାୟ ୨୨ କୋଟି ଟଙ୍କା ବ୍ୟୟରେ ପୁନଃବିକଶିତ, ଏହି ଷ୍ଟେସନ ଏବେ ଯଥେଷ୍ଟ ଉନ୍ନତ ଯାତ୍ରୀ ସୁବିଧା ଏବଂ ଭିତିଭୂମି ପ୍ରଦାନ କରେ, ଯାହା ପଶ୍ଚିମ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରବେଶପଥ ଭାବରେ ଏହାର ଭୂମିକାକୁ ସୁଦୃଢ଼ କରିଥାଏ । ବ୍ୟାପକ ପୁନଃବିକଶଣ ଯାତ୍ରୀମାନଙ୍କ ପାଇଁ ଅଧିକ ସୁବିଧାଜନକ, ଆରାମଦାୟକ ଏବଂ ନିର୍ବିଘ୍ନ ଯାତ୍ରା ଅଭିଜ୍ଞତା ସୃଷ୍ଟି କରିଛି ଏବଂ ଷ୍ଟେସନର କାର୍ଯ୍ୟକ୍ଷମତା ବୃଦ୍ଧି କରିଛି । ଏହି ପ୍ରକଳ୍ପରେ ବିଦ୍ୟମାନ ଷ୍ଟେସନ କୋଠାର ଆଧୁନିକୀକରଣ, ସୁଗମ ଯାତ୍ରୀ ପରିବହନ ସୁନିଶ୍ଚିତ କରିବା ପାଇଁ ଏକ ନୂତନ ଦ୍ୱିତୀୟ ପ୍ରବେଶପଥର ବିକାଶ, ବାଧାମୁକ୍ତ ପ୍ରବେଶ ପାଇଁ ତିନୋଟି ଲିଫ୍ଟ ସହିତ ସଜ୍ଜିତ ୧୨ ମିଟର ପ୍ରସ୍ଥ ଫୁଟ ଓଭର ବ୍ରିଜ୍ ନିର୍ମାଣ, ପ୍ଲାଟଫର୍ମ ପୃଷ୍ଠ ଏବଂ ପ୍ଲାଟଫର୍ମ ଆଶ୍ରୟସ୍ଥଳର ଉନ୍ନତି, ଆପ୍ରୋଚ୍ ରାସ୍ତାର ପ୍ରଶସ୍ତତା, ପଦଯାତ୍ରୀ ପଥ ବିକାଶ ଏବଂ ଏକ ଆଧୁନିକ ଡ୍ରେନେଜ୍ ବ୍ୟବସ୍ଥା ଅନ୍ତର୍ଭୁକ୍ତ । ଯାତ୍ରୀ ସୁବିଧାଗୁଡ଼ିକୁ ମଧ୍ୟ ଉନ୍ନତ ଶୌଚାଳୟ, ଏକ ଅବସାନ କକ୍ଷ ଏବଂ ଛାତ୍ରାବାସ ସହିତ ଯଥେଷ୍ଟ ଉନ୍ନତ କରାଯାଇଛି, ଯାହା ଷ୍ଟେସନକୁ ଯାତ୍ରୀମାନଙ୍କ ପାଇଁ ଅଧିକ ସୁବିଧାଜନକ ଏବଂ ସ୍ୱାଗତଯୋଗ୍ୟ କରିଛି । ଏହାର ମୂଳରେ ଅନ୍ତର୍ଭୁକ୍ତି ସହିତ ଡିଜାଇନ୍ କରାଯାଇଥିବା, ପୁନଃବିକଶିତ ଷ୍ଟେସନଟି ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଜନ ଏବଂ ପରିବାର ସମେତ ସମସ୍ତ ଯାତ୍ରୀଙ୍କ ଆବଶ୍ୟକତା ପୂରଣ କରେ । ଉନ୍ନତ ସଂଚାଳନ କ୍ଷେତ୍ର, ଉନ୍ନତ ସୁଗମତା ଏବଂ ଚିନ୍ତାଶୀଳ ଭାବରେ ଯୋଜନାବଦ୍ଧ ସାର୍ବଜନୀନ ସ୍ଥାନଗୁଡ଼ିକ କେସିଙ୍ଗା ରେଳ ଷ୍ଟେସନକୁ ଅଧିକ ବ୍ୟବହାରକାରୀ ଅନୁକୂଳ କରିଛି ଏବଂ ଯାତ୍ରୀମାନଙ୍କର ସୁରକ୍ଷିତ ଏବଂ ଅଧିକ ଦକ୍ଷ ପରିବହନ ସୁନିଶ୍ଚିତ କରିଛି । ୧୯୩୧ ମସିହାରେ ପ୍ରତିଷ୍ଠିତ, କେସିଙ୍ଗା ରେଳ ଷ୍ଟେସନ ଦୀର୍ଘ ସମୟ ଧରି ପୂର୍ବ ତଟ ରେଳପଥର ରାୟପୁର-ବିଜିଆନଗରମ୍ ଲାଇନରେ ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଭାବରେ କାର୍ଯ୍ୟ କରିଆସୁଛି । ଦଶନ୍ଧି ଧରି, ଏହା କଳାହାଣ୍ଡିକୁ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ପ୍ରମୁଖ ସହର ସହିତ ସଂଯୋଗ କରିଛି, ଯାତ୍ରୀ ଯାତ୍ରା, ବାଣିଜ୍ୟ ଏବଂ ବାଣିଜ୍ୟକୁ ସହଜ କରିଛି । ଏହାର ରଣନୈତିକ ସ୍ଥାନ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ କେନ୍ଦ୍ର ଏବଂ ଅଂଚଳର ସାମାଜିକ ଆର୍ଥିକ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ବାହକ କରିଛି । ଷ୍ଟେସନର ପରିବର୍ତ୍ତନ ସଂଯୋଗୀକରଣକୁ ଆହୁରି ସୁଦୃଢ଼ କରିବ ଏବଂ ଅଂଚଳର ବର୍ଦ୍ଧିତ ଆକାଂକ୍ଷାକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି । ଉନ୍ନତ ରେଳ ଭିତିଭୂମି ସୁଗମ ଯାତ୍ରାକୁ ସକ୍ଷମ କରିବା, ବାଣିଜ୍ୟିକ କାର୍ଯ୍ୟକଳାପକୁ ସହଜ କରିବା ଏବଂ କଳାହାଣ୍ଡିର ବିସ୍ତାରିତ କୃଷି, ବ୍ୟବସାୟ ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ସମର୍ଥନ କରି ବାସିନ୍ଦା, ଛାତ୍ର, କୃଷକ, ବ୍ୟବସାୟୀ ଏବଂ ପରିଦର୍ଶକଙ୍କୁ ଉପକୃତ କରିବ । କଳାହାଣ୍ଡି ଏହାର ସମୃଦ୍ଧ ଆଦିବାସୀ ଐତିହ୍ୟ, ସ୍ପନ୍ଦନଶୀଳ ସାଂସ୍କୃତିକ ପରମ୍ପରା ଏବଂ କୁଶଳୀ କାରିଗରୀ ପାଇଁ ପ୍ରସିଦ୍ଧ । ଜିଲ୍ଲାଟି ଆନ୍ତର୍ଜାତୀୟ ସ୍ତରରେ ଉତ୍ସାହୀ ଘୁମୁରା ନୃତ୍ୟ ପାଇଁ ଜଣାଶୁଣା ଏବଂ ଏହାର ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ରଙ୍ଗୀନ ଉତ୍ସବ ପାଇଁ ସମାନ ଭାବରେ ପାଳିତ ହୁଏ ଯାହା ପଶ୍ଚିମ ଓଡ଼ିଶାର ଅନନ୍ୟ ପରିଚୟକୁ ପ୍ରତିଫଳିତ କରେ ।





# ମହିଳା ଟେଷ୍ଟ କ୍ରିକେଟ : ଲର୍ଡସରେ ଐତିହାସିକ ବିଜୟ ହାସଲ କଲା ଭାରତ

ଲଣ୍ଡନ: ୧୪୨ ବର୍ଷ ପରେ ଲର୍ଡସ କ୍ରିକେଟ ଗ୍ରାଉଣ୍ଡରେ ପ୍ରଥମ ଥର ପାଇଁ ଖେଳା ଯାଇଥିବା ମହିଳା କ୍ରିକେଟ ଟେଷ୍ଟରେ ଭାରତ ବିଜୟ ହାସଲ କରି ଇତିହାସ ରଚିଛି । ଇଂଲଣ୍ଡ ବିପକ୍ଷ ଏହି ସ୍ମରଣୀୟ ମ୍ୟାଚରେ ଭାରତ ୨୭୦ ବୃହତ ବ୍ୟବଧାନରେ ଜିତିଥିଲା । ସମସ୍ତ ବିଭାଗରେ ଟିମ ଇଣ୍ଡିଆର ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ । ଭାରତୀୟ ମହିଳା ଟିମର ଏହା ଦ୍ୱିତୀୟ ବୃହତ ବିଜୟ । ୨୦୨୩ରେ ଇଂଲଣ୍ଡକୁ ଭାରତ ୩୪୭ ରନରେ ହରାଇଥିଲା । ଇଂଲଣ୍ଡ ଟସ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତି ନେଇଥିଲା । ପ୍ରଥମ ଇନିଂସରେ ଭାରତ ୨୮୫ ରନ କରିଥିଲା । ସ୍ମୃତି ମାନ୍ଧନା(୮୩), ହରମନପ୍ରୀତ କୌର(୫୮) ଓ ଦୀପ୍ତି ଶର୍ମା ୫୭ ରନ କରିଥିଲେ । ଜବାବରେ ଇଂଲଣ୍ଡ ଟିମ ୧୭୦ ରନରେ ଅଲଆଉଟ ହୋଇ ଯାଇଥିଲା । କ୍ରାନ୍ତି ଗୌଡ ୫ଟି ୱିକେଟ ନେଇଥିଲେ । ଇଂଲଣ୍ଡ ପକ୍ଷରୁ ଏମୀ ଜୋନ୍ସ ୫୨ ଓ ନେଟ ବ୍ରଂଟ ୪୪ ରନ କରିଥିଲେ । ପ୍ରଥମ ଇନିଂସରେ ୧୧୫ ରନର ଅଗ୍ରଣୀ ହାସଲ କରିଥିବା ଦ୍ୱିତୀୟ ଇନିଂସରେ ୭ ୱିକେଟ ବିନିମୟରେ ୩୪୧ ରନ କରି ଇନିଂସ ଘୋଷଣା କରିଥିଲା । ୟାସ୍ତିକ ଭାଟିଆ ୧୧୩, ଦୀପ୍ତି ଶର୍ମା ୫୨, ସ୍ମୃତି ମାନ୍ଧନା ୭୩ ଓ ଶେଫାଳୀ ବର୍ମା ୮୮ ରନ କରିଥିଲେ । ୪୫୭ ରନର ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୧୮୬ ରନରେ ଅଲଆଉଟ ହୋଇ ଯାଇଥିଲେ । ଏମୀ ଜୋନ୍ସ ୫୪ ଓ ସୋଫୀ ଏକ୍ଲିଷ୍ଟୋନ ୫୦ ରନ କରି କିଛିଟା ସଂଘର୍ଷ କରିଥିଲେ । ସ୍ନେହ ରାଣା ୪ଟି ୱିକେଟ ନେଇଥିଲେ । କ୍ରାନ୍ତି ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ ।





4001/199/2627



**ପବିତ୍ର ରଥଯାତ୍ରା ଅବସରରେ ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ ଅବଲମ୍ବନ କରନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ ।**

ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ପବିତ୍ର ରଥଯାତ୍ରାର ଆୟୋଜକମାନଙ୍କୁ ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ଅନୁରୋଧ କରାଯାଉଛି ।

- ରଥକୁ ନିର୍ଦ୍ଧାରିତ ମାର୍ଗରେ ସୁରକ୍ଷିତ ଭାବରେ ନେବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାନ୍ତୁ ।
- ପୂଜାପେଣ୍ଡାଲ, ଯାତ୍ରାସ୍ଥଳୀ, ହୋଟେଲ, ଦୋକାନ ବଜାର, ଅଧିକ ଜନସମାଗମ ସ୍ଥାନରେ ବୈଦ୍ୟୁତିକ ଉପକରଣର ସୁରକ୍ଷା ଯାଞ୍ଚ ପାଇଁ ସ୍ଥାନୀୟ ବିଦ୍ୟୁତ୍ ନିରୀକ୍ଷକଙ୍କୁ ଲିଖିତ ଭାବେ ଅବଗତ କରାନ୍ତୁ ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-4001/4025/2/26-27/0001


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**